



# ଯୁଦ୍ଧର ପ୍ରଭାବ: ମଧ୍ୟପ୍ରାଚ୍ୟରୁ ମଶାଣି

## ସତ୍ୟନଗର ଶ୍ମଶାନରେ ୫ ଦିନ ଧରି ଶବଦାହ ବନ୍ଦ




**ଗେଲ୍‌କୁ ଚିଠି ଲେଖିବେ ମେୟର**

ଭୁବନେଶ୍ୱର, ୧୧।୩(ସମିସ): ଇରାନ୍ ଯୁଦ୍ଧ ପ୍ରଭାବରେ ପ୍ରକୃତିକ ଗ୍ୟାସ୍ ଯୋଗାଣ ପ୍ରଭାବିତ ହୋଇଛି। ଏହାର ସିଧା ପ୍ରଭାବ ପଡ଼ିଛି ଭୁବନେଶ୍ୱର ସତ୍ୟନଗର ମଶାଣିରେ। ଗ୍ୟାସ ଅଭାବରୁ ମଶାଣିର ଚୁଲା ଜଳିପାରୁ ନାହିଁ। ଯାହା ଫଳରେ ଏଠାରେ ଶବ ଦାହ ବନ୍ଦ ରହିଛି। ସତ୍ୟନଗର ମଶାଣିରେ ଗତ ୫ ଦିନ ଧରି ଗ୍ୟାସ୍ ଚୁଲାରେ ଶବଦାହ କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ଥଗିତ ରହିଛି। ସତ୍ୟନଗର ମଶାଣିକୁ ଗ୍ୟାସ ସଂଯୋଗ କରିବାକୁ ମେୟର ସୁଲୋଚନା ଦାସ ଚିଠି ଲେଖିବେ ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି।

ବିଏମ୍‌ସି ଅଧୀନରେ ସହରରେ ମୋଟ ୪ଟି ଗ୍ୟାସ୍ ଚୁଲା ସହିତ ମଶାଣି କାର୍ଯ୍ୟକାରୀ ହୋଇଛି। ଏଥି ମଧ୍ୟରୁ ତିନୋଟି ସ୍ଥାନରେ ଗେଲ୍‌ର ପାଇପଲାଇନ୍ ସଂଯୋଗ ହୋଇସାରିଛି। କେବଳ ସତ୍ୟନଗର ମଶାଣିରେ ଏପର୍ଯ୍ୟନ୍ତ ପାଇପଲାଇନ୍ ଯୋଗାଇ ହୋଇନାହିଁ। ଫଳରେ ସେଠାରେ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଉପରେ ନିର୍ଭର କରାଯାଉଛି। ପ୍ରତି ସପ୍ତାହରେ ପ୍ରାୟ ୧୪ଟି ଗ୍ୟାସ୍ ସିଲିଣ୍ଡର ଆବଶ୍ୟକ ପଡୁଥିବାରୁ ସଙ୍କଟ ଆହୁରି ତୀବ୍ର ହୋଇଛି। ଏ ନେଇ ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି ସତ୍ୟନଗର ମଶାଣିରେ ଗ୍ୟାସ୍ ପାଇପଲାଇନ୍ ସଂଯୋଗ କରିବା ପାଇଁ ଗେଲ୍ କମ୍ପାନୀକୁ ଚିଠି ଲେଖାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ମାସରେ ସତ୍ୟନଗର ମଶାଣିର ନବୀକରଣ କରାଯାଇ ଗ୍ୟାସ୍ ଭିତ୍ତିକ ଶବଦାହ ବ୍ୟବସ୍ଥା ଚାଲୁ କରାଯାଇଥିଲା। କିନ୍ତୁ ପାଇପଲାଇନ୍ ସଂଯୋଗ ନ ଥିବାରୁ ସିଲିଣ୍ଡର ବ୍ୟବହାର ଜାରି ରହିଛି, ଯାହା ଖର୍ଚ୍ଚ ବଢ଼ାଉଛି ଏବଂ ଯୋଗାଣ ସମସ୍ୟା ସୃଷ୍ଟି କରୁଛି।

## କାଠଚୁଲା ଓ କୋଇଲା ଷ୍ଟୋଭ୍ ନିଷେଧାଦେଶରୁ ଉଠିବ କଟକଣା

ବିଏମ୍‌ସି କାଠ ଏବଂ କୋଇଲା ଷ୍ଟୋଭ୍ ବ୍ୟବହାର ଉପରେ ଲଗାଯାଇଥିବା ନିଷେଧାଦେଶ ଉଠାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛି। ଏହି ପଦକ୍ଷେପ ସ୍ଥାନୀୟ ବ୍ୟବସାୟୀ, ଛୋଟ ବ୍ୟବସାୟୀ ଏବଂ ପାରମ୍ପରିକ ରନ୍ଧନ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ପାଇଁ ଏକ ବଡ଼ ରିଆତି ହେବ ବୋଲି ଆଶା କରାଯାଉଛି। ବିଏମ୍‌ସି ମେୟର ସୁଲୋଚନା ଦାସ ଏହି ନିଷ୍ପତ୍ତିକୁ ନିଶ୍ଚିତ କରିଛନ୍ତି। ବ୍ୟବସାୟୀମାନଙ୍କୁ ପାରମ୍ପରିକ ଷ୍ଟୋଭ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ। କେବଳ ଅନ୍ତିମ ରିଜୋଲ୍ୟୁସନ୍ ପରେ ଏହା କାର୍ଯ୍ୟକାରୀ ହେବ। ବିଏମ୍‌ସିର ନାଗରିକ ସଂସ୍ଥା ସଭାରେ ଚର୍ଚ୍ଚା ହେବ ଏବଂ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ମେୟର କହିଛନ୍ତି। ପୂର୍ବରୁ ନଗରର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଏମ୍‌ସି କାଠ ଏବଂ କୋଇଲା ଷ୍ଟୋଭ୍ ବ୍ୟବହାର ଉପରେ କଡ଼ା ନିଷେଧାଜ୍ଞା ଜାରି କରିଥିଲା। କିନ୍ତୁ ଏହି ନିଷେଧ ଯୋଗୁଁ ଅନେକ ଛୋଟ ଦୋକାନଦାର, ଫୁଡ୍ କାର୍ଟ ଚାଳକ ଏବଂ ପାରମ୍ପରିକ ରନ୍ଧନ ପଦ୍ଧତି ଉପରେ ନିର୍ଭର କରୁଥିବା ପରିବାରର ଜୀବିକା ପ୍ରଭାବିତ ହୋଇଥିଲା। ବ୍ୟବସାୟୀମାନେ ଲଗାତାର ଆନ୍ଦୋଳନ କରି ଆସୁଥିଲେ ଏବଂ ନିଷେଧାଜ୍ଞା ଉଠାଇବା ପାଇଁ ଦାବି କରୁଥିଲେ।

ବିଏମ୍‌ସି ଅଧିକାରୀମାନେ କହିଛନ୍ତି ଯେ, ନୂଆ ନୀତି ଅନୁଯାୟୀ ସହରର ଇ-ପାର୍କ୍ ଗୁଡ଼ିକରେ ୪୦ ରୁ ୫୦ ପ୍ରତିଶତ ଜମି ସ୍ଥାନୀୟ ବିକ୍ରେତା ଓ ବ୍ୟବସାୟୀଙ୍କୁ ବଣ୍ଟନ କରାଯିବ। ଏହି ଜମିରେ ସେମାନେ ପାରମ୍ପରିକ ଷ୍ଟୋଭ୍ ସହ ନିଜର କାରବାର ଚଳାଇପାରିବେ। ଏହା ସହ ପରିବେଶ ସୁରକ୍ଷା ପାଇଁ କେତେକ ନିୟମ ମଧ୍ୟ ଲାଗୁ କରାଯିବ ବୋଲି କୁହାଯାଇଛି। ଏହି ପଦକ୍ଷେପ ପରିବେଶ ସଂରକ୍ଷଣ ଏବଂ ଅର୍ଥନୈତିକ ଉନ୍ନୟନ ମଧ୍ୟରେ ଏକ ସନ୍ତୁଳନ ସ୍ଥାପନ କରିବ ବୋଲି ବିଏମ୍‌ସି ଆଶା କରୁଛି। ସ୍ଥାନୀୟ ବ୍ୟବସାୟୀ ସଙ୍ଘର ସଭାପତି ରମେଶ ମହାପାତ୍ର କହିଛନ୍ତି, ଏହି ନିଷ୍ପତ୍ତି ଆମ ପାଇଁ ଏକ ବଡ଼ ରିହାତି। ବହୁତ ଦିନ ଧରି ଆମେ ସଂଘର୍ଷ କରୁଥିଲୁ। ଏବେ ଆମର ଜୀବିକା ରକ୍ଷା ପାଇବ।

## ପୂର୍ବରୁ ଭାଙ୍ଗିଥିଲା; ଏବେ ଅନୁମତି ଦେଲା

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିବେଶ ପ୍ରଦୂଷଣ ଆଇନ୍‌କୁ ଦୃଷ୍ଟିରେ ରଖି କୋଇଲା ଏବଂ କାଠ ଚୁଲି ହଟାଅ ଅଭିଯାନ ଆରମ୍ଭ ହୋଇଥିଲା। ସହରରେ ଏହି ଚୁଲା ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଭାବେ ନିଷେଧାଦେଶ ଜାରି କରାଯାଇଥିଲା। ଯେଉଁମାନେ ଏହି ଚୁଲା ବ୍ୟବହାର କରୁଥିଲେ ବିଏମ୍‌ସି ପକ୍ଷରୁ ଦୋକାନ ସିଲ୍ କରାଯାଉଥିଲା। କାହାଠାରୁ ମୋଟା ଅଙ୍କର ତଣ୍ଡ ଆଦାୟ କରାଯାଉଥିଲା। ବେପାର କରିବାକୁ ହେଲେ ଏହି ଚୁଲାକୁ ଭାଙ୍ଗି ଗ୍ୟାସ ଚୁଲା ବସାଅ, ନହେଲେ ଦୋକାନ ଖୋଲି ପାରିବ ନାହିଁ। ନିରୀହ ଗରିବ ଦୋକାନୀଙ୍କୁ ନାଲି ଆଖି ଦେଖାଇ କେତେ ଯେ ହରକତ କରାଯାଇଛି ତାହାର ହିସାବ ନାହିଁ। ଏପରିକି ସିଲ୍ କରାଯାଇ ସେମାନଙ୍କ ଫଟୋକୁ ଭାଇରାଲ୍ କରାଯାଉଥିଲା। ଫଳରେ ଏହି ଦୋକାନୀମାନେ ଡରିମରି ଏହି ଚୁଲି ଗୁଡ଼ିକୁ ଭାଙ୍ଗି ଦେଇ ଗ୍ୟାସ ଚୁଲା କିଣିଲେ। ହେଲେ ଏବେ ଅବିରତ ଗ୍ୟାସ ଯୋଗାଣ ନ ହେବାରୁ ବିଏମ୍‌ସି ନିଜ ଆଦର୍ଶ, କଟକଣା, ପରିବେଶ ଆଇନ୍ ସବୁଥିରୁ ପଲଟି ଯାଉଛି। କଟକଣା ହଟାଇବାକୁ ଯୋଜନା କରୁଛି। ପୂର୍ବରୁ ଯାହା ସମ୍ପୂର୍ଣ୍ଣ ଭୁଲ ଥିଲା ତାହା ମାତ୍ର କିଛି ଦିନ ମଧ୍ୟରେ କିଭଳି ଠିକ୍ ହୋଇଗଲା ସେନେଇ ଲୋକେ ପ୍ରଶ୍ନ କରାଯାଇଛି। ତେବେ ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗ କଣ ଏହି ଦୋକାନୀଙ୍କୁ ଭୁଲ ମାଗିବ ନାଆଁ ସେମାନଙ୍କ ଠାରୁ ଆଦାୟ କରିଥିବା ତଣ୍ଡ ବାବଦ ଟଙ୍କା ଫେରାଇବ।

ଚକେଇସିଆଣି ଅଞ୍ଚଳର ଜଣେ ଦୋକାନୀ କହିଛନ୍ତି ବିଏମ୍‌ସି ମନକୁ ଯେତେବେଳେ ଯାହା ଆସୁଛି ସେଇଆ କରୁଛି। କେତେବେଳେ କହୁଛି ଭାଙ୍ଗ। ପୁଣି କେତେବେଳେ କହୁଛି କାଠ, କୋଇଲା ଚୁଲାରେ ରୋଷେଇ କର। ବିଏମ୍‌ସି ଅଧିକ ଚାପ ପକାଇବାରୁ ଆମେ ସେହି ଚୁଲାକୁ ଭାଙ୍ଗି ସାରିଛୁ। ଏବେ ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ସେମାନେ ଆମକୁ ଗ୍ୟାସ ଯୋଗାଣ କରିବେ। ତାହା ନ କରି ପୁଣି ପୁରୁଣା ଚୁଲାକୁ ଫେରିବାକୁ କହୁଛନ୍ତି। ଯଦି ଫେରିବାକୁ କହୁଛନ୍ତି ତେବେ ଏହି ଚୁଲା ପ୍ରସ୍ତୁତି କରିବାକୁ ବିଏମ୍‌ସି ଟଙ୍କା ଦେଉ।

## ନନ୍ଦନକାନନରେ ଜନ୍ତୁ ପ୍ରଜାତି ୧୭୮କୁ ବୃଦ୍ଧି



ନନ୍ଦନକାନନ, ୧୧।୩(ସମିସ): କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ ଅନୁମୋଦନକ୍ରମେ ରାଜ୍ୟ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ବିଶାଖାପାଟଣା ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ଜୀବଜନ୍ତୁ ବିନିମୟ କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ରାଜ୍ୟ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ୧୧ଟି ଜନ୍ତୁ ଆସିଛନ୍ତି। ଏହି ୧୧ ଜନ୍ତୁଗୁଡିକ ହେଲେ ହଳେ ରିଙ୍ଗ-ଟେଲଡ୍ ଲେମୁର୍, ହଳେ ଜଙ୍ଗଲୀ କୁକୁର, ଗୋଟିଏ ଅଣ୍ଡିରା ସଲଫର-କ୍ରେଷ୍ଟ କକାଟୁ, ୨ହଳ ବୋନେଟ୍ ମାଙ୍କଡ ଏବଂ ହଳେ ନୀଳଗାଇ। ଗତ ମାର୍ଚ୍ଚ ୬ତାରିଖରେ ଇନ୍ଦିରାଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଏକ ବିଶେଷଜ୍ଞ ଦଳ ଆସି ମାର୍ଚ୍ଚ ୭ ତାରିଖରେ ୧୫ଟି ଜନ୍ତୁ ନେଇଥିଲେ। ଯେଉଁଥିରେ ବାରାସିଂଘା ହରିଣ (ଗୋଟିଏ ଅଣ୍ଡିରା : ଦୁଇଟି ମାଈ), ଚଉସିଂଘା ମୃଗ ( ଗୋଟିଏ ଅଣ୍ଡିରା :ଦୁଇଟି ମାଈ), ହଳେ ଆସାମୀ ମାଙ୍କଡ, ୨ହଳ କୁଜି ହରିଣ ଓ ଘଡ଼ିଆଳ କୁମ୍ଭୀର (୧ଅଣ୍ଡିରା:୨ମାଈ) ସାମିଲ ଥିଲେ। ଇନ୍ଦିରାଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଆସିଥିବା ରିଙ୍ଗ ଟେଲ ଲେମୁର ନନ୍ଦନକାନନରେ ଯୋଡିହେବା ପରେ ଏଠାରେ ଏବେ ଜୀବଜନ୍ତୁ ପ୍ରଜାତି ୧୭୮କୁ ବୃଦ୍ଧି ପାଇଛି ବୋଲି ନନ୍ଦନକାନନ ଉପ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

## ସ୍ତ୍ରୀର ମୁଣ୍ଡକୁ ପଥରରେ ଛେଚି ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୧।୩(ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ ହୋଇଛନ୍ତି। ଗିରଫ ସ୍ୱାମୀ ହେଲେ ଆଇଆରସି ଭିଲେଜ ଗଜପତି ନଗର ଅଞ୍ଚଳର ଅର୍ଜୁନ ବେହେରା। ସେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡକୁ ପଥରରେ ଛେଚି ରକ୍ତାକ୍ତ କରି ଦେଇଥିଲେ। ପୁଲିସ ସୂଚନା ମୁତାବକ, ଗତ ୨୫ ତାରିଖରେ ଅଭିଯୋଗକାରିଣୀ ଏନ-୪/୯୮ ଅଞ୍ଚଳରେ କାମ କରୁଥିବା ସମୟରେ ତାଙ୍କ ସ୍ୱାମୀ ଅର୍ଜୁନ ବେହେରା ନିଶାଗ୍ରସ୍ତ ଅବସ୍ଥାରେ ସେଠାକୁ ଆସି ତାଙ୍କ ମୁଣ୍ଡରେ ଇଟା ଦ୍ୱାରା ଆକ୍ରମଣ କରିଥିଲେ। ଅଭିଯୋଗ ଅନୁଯାୟୀ ପ୍ରାୟ ୧୦ ବର୍ଷ ପୂର୍ବେ ମଧ୍ୟ ଅର୍ଜୁନ ତାଙ୍କୁ ଆକ୍ରମଣ କରିଥିଲେ। ସେ ସେତେବେଳେ ତାଙ୍କ ପୈତୃକ ଘରେ ରହି ଚିକିତ୍ସା ନେଇଥିଲେ। ତଦନ୍ତ ସମୟରେ ପାରିପାର୍ଶ୍ୱିକ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଥିଲା ଯେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ ବିବାଦ ରହିଥିଲା। ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବହୁ ବର୍ଷ ଧରି ଆକ୍ରମଣ କରି ହଇରାଣ କରୁଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଅର୍ଜୁନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ନୂଆପଲ୍ଲୀ ଥାନାରେ ଦୁଇଟି ପୂର୍ବ ମାମଲାରେ ଜଡିତ ଥିବା ଜଣାପଡ଼ିଛି।

## ଇଣ୍ଡକ୍ସନ କିଣିବାକୁ ଲୋକଙ୍କ ଭିଡ଼

ଭୁବନେଶ୍ୱର, ୧୧।୩(ସମିସ): ଅସ୍ଥିର ମଧ୍ୟପ୍ରାଚ୍ୟ। ଆତଙ୍କରେ ସାରା ବିଶ୍ୱ। ଇତି ମଧ୍ୟରେ ସଭିଙ୍କୁ ଘାରିଛି ଚିନ୍ତା। ଉତ୍କଟ ହେଲାଣି ଗ୍ୟାସ୍, ପେଟ୍ରୋଲ ଓ ଅନ୍ୟାନ୍ୟ ଆମଦାନୀ ଦ୍ରବ୍ୟର ଦରବୃଦ୍ଧି। କେଉଁଠି ଗ୍ୟାସ୍ ସିଲିଣ୍ଡରର ଦାମ୍ ଏକାଥରେ ତିନି ଗୁଣା ବଢ଼ି ଗଲାଣି ତ ଆଉ କେଉଁଠି ଆଦୌ ମିଳୁନାହିଁ। ଏ ପରିପ୍ରେକ୍ଷୀରେ ବଡ଼ ବଡ଼ ରେଷ୍ଟୋରାଁ ଆପଣେଇଲେଣି ପାରମ୍ପରିକ କାଠ ଏବଂ ଚୁଲି ରୋଷେଇ। ଆଉ ଘରୋଇ ଉପଭୋକ୍ତା ଏବେ ବିଦ୍ୟୁତ ଚାଳିତ ଚୁହ୍ଲା (ଇଣ୍ଡକ୍ସନ) ବ୍ୟବହାର କରିବାକୁ ବସିଲେଣି। ଆଉ ଏସବୁର ଚାହିଦା ହଠାତ୍ ବଢ଼ିବାରୁ ଦର ବି ଉପରମୁହାଁ ହେବାକୁ ବସିଲାଣି।

ବର୍ତ୍ତମାନ ସମୟରେ ରନ୍ଧନ ଗ୍ୟାସର ଅଭାବ ଦେଶ ତଥା ପୂରା ରାଜ୍ୟରେ ଦେଖାଯାଉଥିବାବେଳେ ଭୁବନେଶ୍ୱର ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ପ୍ରତି ଘରେ, ବଡ ହୋଟେଲଠୁ ଆରମ୍ଭ କରି ରାସ୍ତା କଡର ଛୋଟ ଜଳଖିଆ ଦୋକାନୀ ମଧ୍ୟ ଏବେ ଚିନ୍ତାରେ। ଏପରି ସ୍ଥିତିରେ ଇଣ୍ଡକ୍ସନ ଚୁଲାର ଚାହିଦା ବଢ଼ିଛି। ଅନେକ ଅନଲାଇନରେ ଅର୍ଡର କରିବା ଆରମ୍ଭ କରିଦେଇଥିବାବେଳେ ଆଉ କିଛି ଦୋକାନକୁ ଯାଇ କିଣୁଛନ୍ତି। ସେନେଇ କିଛି କମ୍ପାନୀ ମଧ୍ୟ ଆଗ ଅପେକ୍ଷା ତାର ଦାମ ବଢ଼ାଇଦେଇଥିବା ପରିଲକ୍ଷିତ ହେଉଛି।

### ରାସ୍ତାକଡ଼ ହୋଟେଲରେ ତାଲା ଝୁଲୁଛି

ରାସ୍ତା ଡକରେ ଯେଉଁସବୁ ଛୋଟ ହୋଟେଲ କିମ୍ବା ଖାଇବା ଷ୍ଟଲ ତଥା ଜଳଖିଆ ଦୋକାନ ଥିଲା, ସେଥିମଧ୍ୟରୁ ଅଧିକାଂଶ ଦୋକାନ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଗ୍ୟାସ ନଥିବା କାରଣରୁ ସେମାନେ ମଧ୍ୟ ରୋଷେଇ କରିପାରୁନାହାନ୍ତି। ଯାହାର ସିଧାସଳଖ ପ୍ରଭାବ ବାହାରେ ମେସକରି ରହୁଥିବା ଛାତ୍ରଛାତ୍ରୀ ତଥା ବ୍ୟାଚଲରଙ୍କ ଉପରେ ପଡୁଛି। କାରଣ ବାହାରେ ରହି ପାଠ ପଢୁଥିବା କଲେଜ ଛାତ୍ରଛାତ୍ରୀ ଏବଂ ବ୍ୟାଚଲର କର୍ମଜୀବୀମାନେ ରୋଷେଇ କରିବା ଅପେକ୍ଷା ହୋଟେଲରୁ ମଗାଇ ଖାଇବାକୁ ପସନ୍ଦ କରିଥାନ୍ତି। ହେଲେ ଏବେ ଗ୍ୟାସର ସଙ୍କଟ ଯୋଗୁଁ ସେମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉ ଯେଉଁମାନେ ଛୋଟ ଚୁଲାରେ ରୋଷେଇ କରି ଖାଉଥିଲେ ସେମାନେ ମଧ୍ୟ ଇନ୍ଧନ ଅଭାବ ପାଇଁ ବାହାରେ ଖାଇବାକୁ ପଡୁଛି। ସେ ପୁଣି ଯେଉଁ କିଛି ହୋଟେଲ ଖୋଲା ଅଛି ବର୍ତ୍ତମାନର ସ୍ଥିତି ଯୋଗୁଁ ଖାଦ୍ୟର ମୂଲ୍ୟ ବଢ଼ାଇ ଦେଉଛନ୍ତି।

## ପୁଣି ଦୁଇ ମାମଲାରେ ଗୟାଧରକୁ ସଜା

ଭୁବନେଶ୍ୱର, ୧୧।୩ (ସମିସ): ବଡ଼ଗଡ଼ ଓ ଖଣ୍ଡଗିରି ଥାନା ଅଞ୍ଚଳର ଦୁଇଟି ଠକେଇ ମାମଲାର ରାୟ ଆଜି ପ୍ରକାଶ ପାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ - ୪ ର ବିଚାରପତି ସୋମେଶ ସୋମ୍ୟଜିତ ପଣ୍ଡା ଓ ଅଦାଲତ - ୫ର ବିଚାରପତି ଇତିଶ୍ରୀ ମହାପାତ୍ର ଦୁଇଟି ମାମଲାର ବିଚାରକରି ଗୟାଧର ଜେନାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନାନୁଯାୟୀ, ପବିତ୍ର କୁମାର ମହାପାତ୍ର ୨୦୧୦ ମସିହାରେ ସାରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଗୟାଧରଙ୍କ ଦ୍ୱାରା କୋରାଡାକଣ୍ଡା ଅଞ୍ଚଳରେ ଏକ ଜମି କ୍ରୟ କରିଥିଲେ। ବିକ୍ରୟ ଚୁକ୍ତିନାମାର ସର୍ତ୍ତ ଉଲ୍ଲଙ୍ଘନ କରି ପ୍ରକଳ୍ପକୁ ଆପ୍ରୋଚ୍ ରାସ୍ତା ପ୍ରଦାନ କରି ନ ଥିଲେ। ପରବର୍ତ୍ତୀ ସମୟରେ ଆପ୍ରୋଚ୍ ରାସ୍ତା ଦେବା ପାଇଁ ପବିତ୍ରଙ୍କ ସମେତ ୩୧ ଜଣ ମିଶି ପ୍ରାୟ ୪୦ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ମଧ୍ୟ ଗୟାଧର ଏକ ଲୁହା ଗେଟ୍ ଲଗାଇ ରାସ୍ତାକୁ ଅବରୋଧ କରିଥିଲେ। ଏନେଇ ପବିତ୍ର ଅଭିଯୋଗ କରିବା ପରେ ବଡ଼ଗଡ଼ ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା ଗୟାଧରକୁ ଗିରଫ କରିଥିଲେ। ଅଦାଲତ ଗୟାଧରକୁ ୨ ବର୍ଷ କାରାଦଣ୍ଡ ସହିତ ୮ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସ ସରଳ କାରାଦଣ୍ଡ ଭୋଗିବାକୁ ମଧ୍ୟ ଆଦେଶ ଦିଆଯାଇଛି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ସେହିପରି ଗୟାଧର ନିଜକୁ ସତ୍ୟଭାମାପୁରରେ ଥିବା ଏକ ଜମିର ମାଲିକ ବୋଲି କହି ଜମି ବିକ୍ରି ଆଳରେ ମଧୁସ୍ମିତା ବିଶ୍ୱାଳଙ୍କ ସହ ଚୁକ୍ତି କରି ୧୫ ଲକ୍ଷ ଟଙ୍କା ନେଇଥିଲା। ମଧୁସ୍ମିତା ଓ ତାଙ୍କ ସ୍ୱାମୀ ଜମି ଦଖଲ କରିବାକୁ ଯିବା ବେଳକୁ ଗୟାଧର ପୂର୍ବରୁସେଉକ୍ତ ଜମିକୁ ଅନ୍ୟ ଜଣକୁ ବିକ୍ରି କରି ଦେଇଥିବା ଜାଣିବାକୁ ପାଇଥିଲେ। ମଧୁସ୍ମିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଏସ୍ଆଇ ସ୍ମୃତି ରଞ୍ଜନ ପାଲଟାସିଂହ ଘଟଣାର ତଦନ୍ତ କରି ଗୟାଧରକୁ ଗିରଫ କରିଥିଲେ। ଅଦାଲତ ୨ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରୁଥିଲେ।

## ପ୍ରେମିକାର ଫଟୋ ଭାଇରାଲ କରି ଇଞ୍ଜିନିୟର ଗିରଫ

ଭୁବନେଶ୍ୱର, ୧୧।୩ (ସମିସ): ପ୍ରେମିକାର ଫଟୋ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଇଞ୍ଜିନିୟର ତଥା ପାରାଦୀପ ଅଞ୍ଚଳର ଶଙ୍କର ସ୍ୱରୂପ ସାହୁ(୨୩)।

ପୁଲିସ ସୂଚନାନୁଯାୟୀ, ତମାଣ୍ଡୋ ଥାନା ଅଞ୍ଚଳରେ ରହୁଥିବା ଯୁବତୀ ଜଣକ ଦୁଇବର୍ଷ ପୂର୍ବେ ସାମାଜିକ ଗଣମାଧ୍ୟମରେ ଶଙ୍କର ସହ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶଙ୍କର ବିଭିନ୍ନ ସମୟରେ କଥାବାର୍ତ୍ତା ଓ ଦେଖାସାକ୍ଷାତ ସମୟରେ ଯୁବତୀଙ୍କ ଆପତିଜନକ ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ଫଟୋ ଭାଇରାଲ କରିଦେବାକୁ ଧମକ ଦେଇ ପ୍ରେମିକାକ ୧୦ ଲକ୍ଷ ଟଙ୍କା ମାଗିଥିଲା। ଯୁବତୀ ଜଣକ ଟଙ୍କା ନଦେବାରୁ ଶଙ୍କର ଫଟୋ ଓ ଭିଡିଓଗୁଡ଼ିକୁ ତାଙ୍କ ସମ୍ପର୍କୀୟଙ୍କ ପାଖକୁ ପଠାଇ ଦେଇଥିଲା। ଏନେଇ ଯୁବତୀ ଜଣକ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଶଙ୍କରକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଛି।

## ନାବାଳିକାକୁ ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

ନନ୍ଦନକାନନ, ୧୧।୩(ସମିସ): ନାବାଳିକାକୁ ଏକତରଫା ଭଲପାଇ ତାକୁ ସ୍କୁଲ ଯିବା ବାଟରେ ହଇରାଣ କରିବା, ଗାଳିଗୁଲଜ କରିବା ଏବଂ ଅଶ୍ଳୀଳ ଫଟୋ ପଠାଇବା ଭଳି କାର୍ଯ୍ୟ କରିବା ଅଭିଯୋଗରେ ଜଣେ ଯୁବକକୁ ନନ୍ଦନକାନନ ଥାନା ପୁଲିସ ଗିରଫ କରି କରିଛି। ଗିରଫ ଅଭିଯୁକ୍ତ ହେଉଛି ପଦାସାହି ଗ୍ରାମର ବଣ୍ଟି ସାମଲ(୨୧)। ପୁଲିସ ସୂଚନା ଅନୁସାରେ ନା ବାଳିକା ଜଣକ ସ୍କୁଲ ଯିବାଆସିବା ସମୟରେ ସେହି ଗ୍ରାମର ବଣ୍ଟି ବାଟରେ ଅଟକାଇ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜବରଦସ୍ତି ଭଲ ପାଇବାକୁ ବାଧ କରୁଥିଲା। ନାବାଳିକା ଜଣକ ରାଜି ନ ହୋଇ ତାଙ୍କ ମାଆକୁ ଆସି କହିଥିଲେ। ଏହି ବିଷୟରେ ନାବାଳିକା ପରିବାର ବଣ୍ଟିଙ୍କ ବାପାଙ୍କୁ ଜଣାଇବାରୁ ଏଥିରେ ଉତକ୍ଷିପ୍ତ ହୋଇ ବଣ୍ଟି ସାମଲ ତାଙ୍କୁ ବାର ବାର ଫୋନ୍‌କରି ଗାଳି ଦେବା ସହ ଧମକ ଦେଉଥିଲା। ତାଙ୍କ ହ୍ୱାଟ୍ସଆପ ଓ ଫୋନରେ ତାଙ୍କ ଝିଅର ଫିଟୋ ସହ ଅନ୍ୟ ଅଶ୍ଳୀଳ ଫଟୋ ପଠାଉଥିଲେ ଓ ଏହାକୁ ଭାଇରାଲ କରିବା ପାଇଁ ଧମକ ଦେଉଥିଲେ।

## ୩୦ ଲକ୍ଷ ହଡ଼ପ; ମାଲିକ ଗିରଫ

**ନିବେଶ ଟଙ୍କା ପାଇବା ପରେ କାରଖାନା ବନ୍ଦ କରିଦେଲେ**

ଭୁବନେଶ୍ୱର, ୧୧।୩(ସମିସ): ମିଛ ପ୍ରତିଶ୍ରୁତି ଦେଇ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକ କାରଖାନା ମାଲିକ ନିବେଶକାରୀଙ୍କ ଠାରୁ ୩୦ଲକ୍ଷ ଟଙ୍କା ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବିଶ୍ୱଜିତ ମହାନ୍ତି। ତାଙ୍କ ଘର ସହିଦ ନଗର ଏସ୍ପ୍ଲାନେଡ୍ ମଲ୍ ଅଞ୍ଚଳରେ। ସେ ଟଙ୍କା ଫେରାଇବା ବଦଳରେ ଚୁପଚାପ୍ କାରଖାନା ବନ୍ଦ କରିଦେଇଥିଲେ।

ପୁଲିସ ସୂଚନା ମୁତାବକ, ଅଭିଯୁକ୍ତ ବିଶ୍ୱଜିତ ଅଭିଯୋଗକାରୀଙ୍କୁ ବ୍ୟବସାୟିକ ନିବେଶ ବାହାନାରେ ୩୦ଲକ୍ଷ ଟଙ୍କା ତାଙ୍କ ବ୍ୟାଙ୍କ ଅଫ୍ ଇଣ୍ଡିଆ ଖାତାକୁ ସ୍ଥାନାନ୍ତର କରିବାକୁ ଅସାଧୁ ଭାବରେ ପ୍ରବର୍ତ୍ତାଇଥିଲେ। ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ଅଭିଯୁକ୍ତ ଜାଣିଶୁଣି ବିଭିନ୍ନ ମିଥ୍ୟା ବାହାନା ଦେଖାଇ ଟଙ୍କା ପରିଶୋଧ କରିବାକୁ ଏଡ଼ାଇ ଯାଉଥିଲେ। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଜୋନ୍, ପ୍ଲଟ୍ ନମ୍ବର୬/ଏ ରେ ଅବସ୍ଥିତ ତାଙ୍କ କାରଖାନାକୁ ଗୁପ୍ତ ଭାବରେ ବନ୍ଦ କରିଦେଇ ଅଭିଯୋଗକାରୀଙ୍କ ଆଇନଗତ ଦାବି ଓ ପ୍ରକ୍ରିୟାକୁ ଏଡ଼ାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳରୁ ପଳାଇଯାଇଥିଲେ। ତଦନ୍ତ ସମୟରେ ପ୍ରମାଣ ସ୍ୱରୂପ ଚୁକ୍ତିପତ୍ର ସମେତ କାରବାର ସମ୍ବନ୍ଧୀୟ ପ୍ରାସଙ୍ଗିକ ଦସ୍ତାବିଜ ଜବତ କରାଯାଇଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତ ଆରମ୍ଭରୁ ଅସତ୍ ଉଦ୍ଦେଶ୍ୟ ରଖି ଅଭିଯୋଗକାରୀଙ୍କୁ ଠକିଥିଲେ। ଗିରଫଦାରୀରୁ ରକ୍ଷା ପାଇବା ପାଇଁ ଅଭିଯୁକ୍ତ କିଛି ସମୟ ପର୍ଯ୍ୟନ୍ତ ପଳାତକ ରହିଥିଲେ।

## ଜମି ଦେବା ଆଳରେ ୨୬ ଲକ୍ଷ ଠକେଇ; ୨ ଗିରଫ

ନନ୍ଦନକାନନ, ୧୧।୩(ସମିସ): ଜମି ଦେବା ଆଳରେ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେବା ଅଭିଯୋଗରେ ନନ୍ଦନକାନନ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରୁ ଜଣେ ହେଲେ କେନ୍ଦ୍ରାପଡ଼ା ଆଳି ଅଞ୍ଚଳର ରାକେଶ ଧଳ (୩୫)। ଅନ୍ୟ ଜଣେ ହେଲେ କେନ୍ଦ୍ରାପଡ଼ା ରାଜକନିକା ଅଞ୍ଚଳର ସୌମ୍ୟରଞ୍ଜନ ରାଉତ(୨୮)। ରାକେଶ ନନ୍ଦନକାନନ ଥାନା ରଘୁନାଥପୁର ନନ୍ଦନ ଭିଲାରେ ରହୁଥିଲେ। ସୌମ୍ୟରଞ୍ଜନ ନନ୍ଦନକାନନ ଥାନା ରଘୁନାଥପୁର ଅଞ୍ଚଳରେ ଥିବା ସୋମୁ କଟେଜରେ ରହୁଥିଲେ। ପୁଲିସ ସୂଚନା ଅନୁସାରେ ୨୦୨୩ରେ ଜନ୍ମେଜୟ ରାଉତ ଏକ ଜମି କିଣିବା ସମ୍ପର୍କରେ ରାକେଶଙ୍କ ସହ ଯୋଗାଯୋଗ କରିଥିଲେ। ରାକେଶ ନିଜକୁ ଜମି ବିକ୍ରୟ ବ୍ୟବସ୍ଥା କରିବାରେ ସକ୍ଷମ ବ୍ୟକ୍ତି ଭାବରେ ପରିଚୟ ଦେଇଥିଲେ। ଆଲୋଚନା ପରେ ଜନ୍ମେଜୟ ଜମି କିଣିବାକୁ ରାଜି ହୋଇ ୨୬ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ପାଇବା ସତ୍ତ୍ୱେ ରାକେଶ ଓ ସୌମ୍ୟରଞ୍ଜନ ବିଭିନ୍ନ ବାହାନା ଦେଖାଇ ଅଭିଯୋଗକାରୀଙ୍କୁ ଏଡ଼ାଇ ଯାଉଥିଲେ। ପରେ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ ତାଙ୍କୁ ଠକାମି କରାଯାଇଛି ଏବଂ ଟଙ୍କା ଆତ୍ମସାତ କରାଯାଇଛି। ସେ ସମ୍ପର୍କିତ ପଞ୍ଜୀକରଣ କିମ୍ବା ଟଙ୍କା ଫେରସ୍ତ ଦାବି କରିଥିଲେ ମଧ୍ୟ ଅଭିଯୁକ୍ତମାନେ ଟଙ୍କା ଫେରସ୍ତ କରିନଥିଲେ। ଏନେଇ ଜନ୍ମେଜୟ ଥାନାରେ ଅଭିଯୋଗ କରିଥିଲେ।

## ମ୍ୟୁଲ୍ ଆକାଉଣ୍ଟ ଫ୍ରିଜ୍; ୩ ଗିରଫ



ଭୁବନେଶ୍ୱର, ୧୧।୩(ସମିସ): ସାଇବର ଠକେଇ କାଯ୍ୟକଳାପ ଏବଂ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସୃଷ୍ଟି ଏବଂ ପରିଚାଳନାରେ ସମ୍ପୃକ୍ତ ଏକ ସାଇବର ଠକେଇ ସିଣ୍ଡିକେଟ୍ ଗ୍ୟାଙ୍ଗକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ପୁଲିସ। ସେମାନେ ହେଲେ ଜିତେନ୍ଦ୍ର ରାଉତ୍, ଶିବ ଶଙ୍କର ଡାକୁଆ ଏବଂ ଗୌତମ ସାହୁ। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ସ୍ମାର୍ଟ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଏବଂ ବିଭିନ୍ନ ବ୍ୟାଙ୍କର ଅନେକ ଡେବିଟ୍/ଏଟିଏମ୍ କାର୍ଡ ଜବତ କରାଯାଇଥିଲା। ଯେଉଁଥିରେ ଚାଟ୍, ବ୍ୟାଙ୍କିଂ ଆପ୍ଲିକେସନ୍ ଏବଂ ସାଇବର ଠକେଇ ସହିତ ଜଡିତ କାରବାର ବିବରଣୀ ସମେତ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପ୍ରମାଣ ମିଳିଥିଲା।

ପୁଲିସ ସୂଚନା ମୁତାବକ, ଏହି ଗ୍ୟାଙ୍ଗ ସଦସ୍ୟମାନେ ସାଧାରଣ ଲୋକଙ୍କୁ ବିଶେଷକରି ବସ୍ତି ଓ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସହଜ ଆୟର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ଆକାଉଣ୍ଟ ଖୋଲିବା ପରେ ଅଭିଯୁକ୍ତମାନେ ଆକାଉଣ୍ଟଧାରୀଙ୍କଠାରୁ ପାସବୁକ୍, ଏଟିଏମ୍ କାର୍ଡ, ସିମ୍ କାର୍ଡ ଓ ଅନ୍ୟାନ୍ୟ ବ୍ୟାଙ୍କିଂ ପ୍ରମାଣପତ୍ର ସଂଗ୍ରହ କରୁଥିଲେ ଏବଂ ସାଇବର ଠକେଇ ଟଙ୍କା ଚାଲାଣ ପାଇଁ ଏହି ଆକାଉଣ୍ଟଗୁଡ଼ିକୁ ମ୍ୟୁଲ ଆକାଉଣ୍ଟ ଭାବରେ ବ୍ୟବହାର କରୁଥିଲେ। ମୈତ୍ରୀ ବିହାର ଶାଖାର ୟୁକୋ ବ୍ୟାଙ୍କରେ ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ ଜିତେନ୍ଦ୍ର ଏବଂ ଶିବ ଶଙ୍କରଙ୍କ ନାମରେ ଥିବା ସନ୍ଦେହଜନକ ଆକାଉଣ୍ଟଗୁଡ଼ିକ ଗତ କିଛି ମାସ ମଧ୍ୟରେ ବଡ଼ ଧରଣର ଠକେଇ କାରବାରରେ ଜଡିତ ଥିବା ଜଣାପଡ଼ିଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଆଜି ଚଢାଉ କରି ଉଭୟଙ୍କୁ ପୂର୍ବରୁ ଗିରଫ କରିଥିଲା।

# ଦ୍ୱିତୀୟ ଦିନରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ରଣହୁଙ୍କାର



ଭୁବନେଶ୍ୱର, ୧୧।୩(ସମିସ): ତିନିଦଫା ଦାବି ନେଇ ଗାନ୍ଧୀମାର୍ଗରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ବିଶାଳ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡ଼ିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପପକେଇ ସେମାନକ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡ଼ିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାରକୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ଗାନ୍ଧୀ ମାର୍ଗରେ ବିଶାଳ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ବୁଧବାର ଏହି ଆନ୍ଦୋଳନ ସଭାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନୟାଗଡ଼ର ବିଧାୟକ ଅରୁଣ ସାହୁଙ୍କ ନେତୃତ୍ୱରେ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ଦଳର ଓଡ଼ିଶା ସଭାପତି, ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମଙ୍ଗୋ, ମହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ମହାନଦୀ ବଞ୍ଚାଅ ସଂଗଠନର ସଭାପତି ସୁଦର୍ଶନ ଦାସ, ପ୍ରସନ୍ନ ବିଶ୍ୱୋୟୀ, ଅଭିବାବକ ସଂଘର ଆବାହକ ବାସୁଦେବ ଭଟ, ସାମ୍ବାଦିକ ସତିଶ ମିଶ୍ର, ସଂଘର ଉପଦେଷ୍ଟା ତଥା କର୍ମଚାରୀ ନେତା ବିଜୟ କୁମାର ମଲ୍ଲ, ସଭାପତି, ସଞ୍ଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବସ୍ତିଆ, ଦୁଇ ଉପସଭାପତି ଗୌତମ ମହାରଣ୍ୟ, ପୂର୍ଣ୍ଣ ମିଶ୍ର, ଦୀପକ ପାଣି, ଦିବ୍ୟଲୋଚନ ସ୍ୱାଇଁ, ସଚିତ୍ର ଦାଶ, ତାପସ ମିଶ୍ର, ଦେବସାହୁ, ଅଜିଜୁର ରହେମାନ, ପ୍ରକାଶ ବେଦାନ୍ତ, ସନ୍ତୋଷ ସିଂହ, ଦୀପକ ମହାପାତ୍ର, ପ୍ରଭାଷ ଭଟ୍ଟ, ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ବିଭିନ୍ନ ଜିଲ୍ଲା ନେତୃତ୍ୱ ଓ କର୍ମକର୍ତ୍ତା ମାନେ ଆନ୍ଦୋଳନ ପରିଚାଳନା କରିଥିଲେ।



# ଭୁବନେଶ୍ୱର ସିଟି

# ଓଜନ ମାପରେ ସୁନା ଓ ପେଟ୍ରୋଲ ଠକେଇ

ଭୁବନେଶ୍ୱର, ୧୧।୩(ସମିସ): ରାଜ୍ୟରେ ଓଜନ ଓ ମାପରେ ସାଧାରଣ ଲୋକଙ୍କୁ ଠକୁଛନ୍ତି ବ୍ୟବସାୟୀ । ପେଟ୍ରୋଲ ପମ୍ପଠୁ ଆରମ୍ଭ କରି ସୁନା ଦୋକାନ ପର୍ଯ୍ୟନ୍ତ ସବୁଠି ଓଜନରେ ଖାଉଟି ଠକାମିର ଶିକାର ହେଉଛନ୍ତି । ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ବିଧାନସଭାରେ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି ।

ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ବିଗତ ୩ବର୍ଷ ମଧ୍ୟରେ ବିଭାଗ ପକ୍ଷରୁ ୮୦୬୫ଟି ଚଢ଼ାଉ କରାଯାଇଛି । ସେଥିରେ ପେଟ୍ରୋଲ ପମ୍ପଗୁଡ଼ିକ ଉପରେ ଓଜନରେ ଠକାମି ପାଇଁ ୧୦୯ଟି କେସ୍ ହୋଇଥିବାବେଳେ ମୋଟ ୯୨୭ଟି ବିଭିନ୍ନ ମାମଲା ହୋଇଛି ଓ ୬୪.୪୪ଲକ୍ଷ ଟଙ୍କା ଜୋରିମାନା ଆଦାୟ ହୋଇଛି । ସମାନ ଭାବେ ସୁନା ଦୋକାନଗୁଡ଼ିକ ମଧ୍ୟ ଖାଉଟିଙ୍କୁ ଲୁଟିବାରେ ଲାଗିଥିବା ଜଣାପଡ଼ିଛି । ୩ ବର୍ଷ ମଧ୍ୟରେ ବିଭିନ୍ନ ଦୋକାନରେ ଚଢ଼ଉ କରି ଓଜନରେ ଗୁରୁତର ଅନିୟମିତତା ପାଇଁ ୧୬ଟି ମାମଲା ରୁଜୁ ସହ ୨.୬୮ ଲକ୍ଷ ଟଙ୍କା ଜୋରିମାନା ଆଦାୟ ହୋଇଛି । ଅନ୍ୟାନ୍ୟ ତ୍ରୁଟି ପାଇଁ ମୋଟ ୧୨୬୨ଟି ମାମଲା ରୁଜୁ ସହ ମୋଟ ୩୬.୨୧ଲକ୍ଷ ଟଙ୍କା ମଧ୍ୟ ଜୋରିମାନା ଆଦାୟ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି ରାସନ ସାମଗ୍ରୀରେ ମଧ୍ୟ ଡିଲରମାନେ ମାପ-ଓଜନରେ ଚଞ୍ଚକତା କରୁଥିବା ଜଣାପଡ଼ିଛି । ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ବୟାନ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ୩୬୨୪ଟି ସ୍ଥାନରେ ତଦନ୍ତ କରାଯାଇ ୭୫ ଜଣ ଅସାଧୁ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି । ରାଜ୍ୟର ଧାନ କିଣା ପ୍ରକ୍ରିୟାରେ ମଧ୍ୟ ମିଲର ଓ ସମବାୟ ସମିତି କର୍ମକର୍ତ୍ତାଙ୍କ ଅସାଧୁ ମେଣ୍ଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଗତ ଦୁଇ ବର୍ଷ ମଧ୍ୟରେ ଧାନ କ୍ରୟ ଦୁର୍ନୀତିରେ ୯ ଜଣ ଅସାଧୁ ମିଲର ଓ ୪୭ ଜଣ ସମବାୟ ସମିତି କର୍ମକର୍ତ୍ତାଙ୍କ ସମ୍ପୃକ୍ତି ଥିବା ଓ ବିଭାଗୀୟ ଅବହେଳା ପାଇଁ ଯୋଗାଣ ବିଭାଗର ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ଭଞ୍ଜସେନା ପକ୍ଷରୁ ଶାସକ ଦଳ ପ୍ରତିନିଧିଙ୍କୁ ଦାବିପତ୍ର

ଭୁବନେଶ୍ୱର, ୧୧।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଣ-ରାଜନୈତିକ ସାମାଜିକ ସଂଗଠନ ଭଞ୍ଜସେନା ଦୀର୍ଘ ୨୮ ବର୍ଷ ଧରି ଜିଲ୍ଲାର ବିଭିନ୍ନ ସମସ୍ୟା ପାଇଁ ସ୍ୱର ଉଠାଇ ଆସିଛି । ସଂଗଠନ ପକ୍ଷରୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରଙ୍କ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ଏକ ଦାବିପତ୍ର ମାଧ୍ୟମରେ ବେକାରୀ, ପର୍ଯ୍ୟଟନ ବିକାଶ, ଶିମିଳିପାଳର ସୁରକ୍ଷା ଓ ହସ୍ତଶିଳ୍ପ-ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଚଳିତ ସଂସଦ ଓ ବିଧାନସଭା ଅଧିବେଶନରେ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ଭୁବନେଶ୍ୱରରେ ଭେଟି ପ୍ରଦାନ କରାଯାଇଛି । ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ଜିଲ୍ଲାରେ ବେକାରୀ ସମସ୍ୟା ଚରମରେ ପହଞ୍ଚିଛି । ଶିକ୍ଷିତ ଯୁବକ-ଯୁବତୀ ହତାଶ ହୋଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି, ଯାହା ଅନେକ ଅତ୍ୟାଚାର ଓ ମୃତ୍ୟୁର କାରଣ ହେଉଛି । ଜିଲ୍ଲାର ୫୦ ପ୍ରତିଶତରୁ ଅଧିକ ଲୋକ ଚାଷ, ବନ୍ୟଜାତ ଦ୍ରବ୍ୟ ଓ ହସ୍ତଶିଳ୍ପରେ ନିର୍ଭର କରୁଥିବା ସତ୍ତ୍ୱେ ଉଚିତ ବଜାର ଓ ବ୍ୟବସାୟୀକରଣ ଅଭାବରୁ ଦୁର୍ଦ୍ଦଶାରେ ପଡ଼ିଛନ୍ତି । ତେଣୁ ଜାତୀୟ ଉଦ୍ୟାନ ଶିମିପାଳର ସୁରକ୍ଷା ପାଇଁ ବାଘ ଓ ଅନ୍ୟ ଜୀବଜନ୍ତୁ ଶିକାର, ମୂଲ୍ୟବାନ ବୃକ୍ଷ କଟା, ନିଶାଦ୍ରବ୍ୟ ଚାଷ ଓ ଚୋରା ପଥର ଚାଲାଣ ବନ୍ଦ କରି ଶକ୍ତ ସୁରକ୍ଷା ଯୋଜନା ସହ କେନ୍ଦ୍ରର 'ଦର୍ଶନ-୨' ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି । ସେହିପରି ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଦ୍ୱାରା ଶାଳପତ୍ର, ବାଉଁଶ, ମହୁଲ, ସବାଇ ଘାସ ଆଦିରୁ କୁଟୀର ଶିଳ୍ପ ପ୍ରୋତ୍ସାହନ, ଟସର ବୟନ, ଢୋକ୍ରା ଶିଳ୍ପ ଓ ଆଦିବାସୀ ପୋଷାକର ବଜାର ବ୍ୟବସ୍ଥା । ଜିଲ୍ଲାବାସୀଙ୍କ ନ୍ୟାୟଯୁକ୍ତ ଦାବି ପୂରଣ ପାଇଁ ଯଥାଶୀଘ୍ର ତତ୍ପରତା ଦାବି କରାଯାଇଛି ।



## ବ୍ୟାଙ୍କ ପେନ୍‌ସନ ଭୋଗୀଙ୍କ ଗଣଧାରଣା




ଭୁବନେଶ୍ୱର, ୧୧।୩(ସମିସ): ବ୍ୟାଙ୍କ୍ ଶିଳ୍ପରେ ପେନ୍‌ସନଧାରୀ ମାନଙ୍କ ମୂଳ ପେନସନ ସଂଶୋଧନ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଦାବି ନେଇ ସାରା ଭାରତବର୍ଷରେ ଅଖିଳ ଭାରତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଆରଏଫ୍) ର ଡାକରାରେ ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ଆନୁକୂଲ୍ୟରେ ବୁଧବାର ଲୋୟର ପିଏମ୍‌ଜି ଛକଠାରେ ଧାରଣା ଦିଆଯାଇଛି । ଏହି ଗଣଧାରଣା ଓ ବିକ୍ଷୋଭରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ କୁମାର ଜେନା ଓ ସିଆଇଟିୟୁର ରାଜ୍ୟ ଉପସଭାପତି ଦୁଷ୍ମନ୍ତ କୁମାର ଦାସ ଯୋଗ ଦେଇଥିଲେ । ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀ ବୈକୁଣ୍ଠନାଥ ଆଚାର୍ଯ୍ୟ ଓ ଲକ୍ଷ୍ମଣ କୁମାର ସେଠୀ, ୟୁକୋ ବ୍ୟାଙ୍କର ପ୍ରସନ୍ନ କୁମାର ମହାନ୍ତି ଓ ଶରତ ସିଂ, ପଞ୍ଜାବ ନାସନାଲ ବ୍ୟାଙ୍କର ସଞ୍ଜୀବ ପତି ଓ ରବିନାରାୟଣ ସିଂ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ରବିନାରାୟଣ ସୂତାର ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀମାନେ ଆଜି ସକାଳ ୯ଟା ଠାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ବ୍ୟାଙ୍କ ପେନସନଭୋଗୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଚାରିଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଗ୍ୟାସ ବିତରଣ ପ୍ରଭାବିତ ହେଲେ ହାହାକାର ଦେଖାଯିବ: ଭକ୍ତ

ଭୁବନେଶ୍ୱର, ୧୧।୩(ସମିସ): ଭାରତକୁ ମୋଦୀ ସରକାର ଏକ ମହାସଙ୍କଟ ଆଡକୁ ଟାଣି ନେଉଛନ୍ତି । ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ଯୋଗୁଁ ଭାରତ ଉପରେ ଗ୍ୟାସ ଏବଂ ତେଲ ସଙ୍କଟ ସମ୍ଭାବନା ଦେଖାଦେଇଛି । ସରକାରଙ୍କ ପକ୍ଷରୁ ସବୁ ନିୟନ୍ତ୍ରଣରେ ଅଛି ବୋଲି ଘୋଷଣା ହେଉଛି; କିନ୍ତୁ ଏପଟେ ଗ୍ୟାସ ଭର୍ତ୍ତି ଅବଧି ୧୫ ଦିନରୁ ୨୧ ଦିନ କରିବା ପରେ ଏବେ ଏହାକୁ ୨୫କୁ ବଢ଼ାଇ ଦିଆଯାଇଛି । ଘରୋଇ ସିଲିଣ୍ଡର ପିଛା ୬୦ ଟଙ୍କା ଏବଂ ବ୍ୟବସାୟିକ ସିଲିଣ୍ଡର ପିଛା ୧୧୫ ଟଙ୍କା ବୃଦ୍ଧି କରି ସରକାର ଜନତାଙ୍କ ପେଟ ଉପରେ ଲାତ ମାରିବା କାମ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ।

ବୁଧବାର ପିସିସି ସଭାପତି କହିଛନ୍ତି, ପ୍ରଥମ ୩ ଦିନ ମୋବାଇଲ ଓ ହ୍ୱାଟସପ୍ ବୁକିଙ୍ଗ ବନ୍ଦ କରିଦେଇ କଳାବଜାରିଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଇଛି । ମଧ୍ୟପ୍ରାଚ୍ୟର ଯୁଦ୍ଧ ନାମରେ ବିଜେପି ସରକାର ଗ୍ୟାସ ଓ ତୈଳ କଳାବଜାରୀ କରିବାକୁ ମସୁଧା କରିଛନ୍ତି । ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୫ ଟଙ୍କା ହେବାକୁ ଯାଉଛି । କିନ୍ତୁ ଲିଟର ପିଛା ୨୦ ରୁ ୨୫ ଟଙ୍କା ବଢ଼ାଇବାକୁ ସରକାର ଏତେ ଉଛନ୍ନ କାହିଁକି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି । ୧୯୭୯ ରୁ ଭାରତ ସହ ଅତୁଟ ସମ୍ପର୍କ ରଖିଥିବା ଇରାନ୍ ସହିତ ମଧ୍ୟ କେନ୍ଦ୍ର ସରକାର ଅତୁଟ ରଖିପାରିଲେ ନାହିଁ । ବର୍ତ୍ତମାନ ଚର୍ଚ୍ଚା ହେଉଛି ହୋଟେଲ ମାନଙ୍କୁ ଗ୍ୟାସ ଯୋଗାଣ କଟକଣା କରାଯାଇପାରେ । ଏହାଦ୍ୱାରା କେବଳ ହୋଟେଲ ବ୍ୟବସାୟୀ ନୁହଁ, ସାଧାରଣ ଜନତା ଏବଂ ହୋଟେଲ ଶିଳ୍ପରେ କାମ କରୁଥିବା ଲକ୍ଷ ଲକ୍ଷ କର୍ମଜୀବୀଙ୍କ ଉପାର୍ଜନ ଉପରେ ପ୍ରଭାବ ପଡ଼ିବ । ଗ୍ୟାସ ବିତରଣ ଯଦି ସରକାର ସମ୍ଭାଳି ପାରିବେ ନାହିଁ ତେବେ ଦେଶରେ ହା ହା କାର ଦେଖାଯିବ । ଲୋକେ ରାଜରାସ୍ତାକୁ ଆସିବେ । ଏହି ସରକାର ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହେଉଛି । ଉପଯୁକ୍ତ ମୁଲ୍ୟ ଏବଂ ସଠିକ୍ ସମୟରେ ଗ୍ୟାସ ଏବଂ ପେଟ୍ରୋଲ ଯୋଗାଣ ବିଧିବଦ୍ଧଭାବେ କରିବାକୁ ସେ ଦାବି କରିଛନ୍ତି ।

## ମଣିଷ-ହାତୀ ସହବସ୍ଥାନ ପାଇଁ ବିଜ୍ଞାନ ଓ ସମୁଦାୟର ସହଭାଗିତା ଜରୁରୀ




ଭୁବନେଶ୍ୱର, ୧୧।୩(ସମିସ): ମଣିଷ-ହାତୀ ସହବସ୍ଥାନ ପ୍ରସଙ୍ଗ ଉପରେ କେନ୍ଦ୍ରକରି 'ଓଡ଼ିଶା ଲ୍ୟାଣ୍ଡସ୍କେପ୍ ସିମ୍ପୋଜିୟମ୍' ଆୟୋଜିତ ହୋଇଯାଇଛି, ଯେଉଁଠାରେ ବିଶେଷଜ୍ଞମାନେ ମଣିଷ ଏବଂ ହାତୀ କିଭଳି ନିରାପଦ ଭାବରେ ସହବସ୍ଥାନ କରିପାରିବେ, ସେଥିପାଇଁ ବ୍ୟବହାରିକ ମାର୍ଗ ପରୀକ୍ଷା କରିବାକୁ ଏକତ୍ରିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମଟି ଢେଙ୍କାନାଳ ବନ ବିଭାଗ ଦ୍ୱାରା ଆୟୋଜିତ ହୋଇଛି ଏବଂ ଜିଏମଆର କମଲାଙ୍ଗ ଏନର୍ଜି ଲିମିଟେଡ୍ ସହାୟତାରେ ସ୍ନେହା ଭଳି କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସାମିଲ କରି ଏହାକୁ ରୂପାୟନ କରାଯାଇଛି । ଏହି ସିମ୍ପୋଜିୟମ୍‌ରେ ଓଡ଼ିଶାର ବିଭିନ୍ନ ହାତୀ ସଂଘର୍ଷ ପ୍ରବଣ ଅଞ୍ଚଳର ବରିଷ୍ଠ ବନ ଅଧିକାରୀ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏହି ଅବସରରେ ଢେଙ୍କାନାଳର ବିଭାଗୀୟ ବନ ଅଧିକାରୀ ସୁମିତ କୁମାର କର ଉପସ୍ଥିତ ବ୍ୟକ୍ତିଙ୍କୁ ସମ୍ବୋଧିତ କରି ସଂଘର୍ଷ ହ୍ରାସ କରିବା ପାଇଁ ସକ୍ରିୟ ଓ ବିଜ୍ଞାନ-ପରିଚାଳିତ ପଦ୍ଧତି, ଅନ୍ୟ ବନ ବିଭାଗଗୁଡିକରେ ଏଭଳି ଆଲୋଚନାଚକ୍ରଗୁଡିକ ମାଧ୍ୟମରେ ସ୍ଥାୟୀ ଆଲୋଚନା ଓ ବିତର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶା ଫରେଷ୍ଟ ରେଞ୍ଜର୍ସ କଲେଜର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା, ଢେଙ୍କାନାଳର ବିଭାଗୀୟ ବନ ଅଧିକାରୀ ସୁମିତ କୁମାର କର, ଜିଏମଆର ଏନର୍ଜିର ଇଏଚଏସ ଆଣ୍ଡ ସଷ୍ଟେନାବିଲିଟି ବିଭାଗ ମୁଖ୍ୟ ପ୍ରବୀଣ ଏ, ଏସଏନଇଏଚଏର କାର୍ଯ୍ୟକାରୀ ନିର୍ଦ୍ଦେଶକ ରାମାସାମୀ କ୍ରିଷ୍ଣନ ଏବଂ ବରିଷ୍ଠ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡକ୍ଟର ଏନ.ଏସ. ମନୋହରନ ଆଦି ଉପସ୍ଥିତ ଥିଲେ ।

## ୨୦ ମହିଳାଙ୍କୁ 'ଅନନ୍ୟ ନାରୀ ସମ୍ମାନ'

ଭୁବନେଶ୍ୱର, ୧୧।୩(ସମିସ): ଜୟଦେବ ଭବନଠାରେ 'ସ୍ମୃତିର ଓଡ଼ିଶା ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ୨୦ଜଣ ମହିଳାଙ୍କୁ 'ଅନନ୍ୟ ନାରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣେନ୍ଦୁ କୁମାର ମିଶ୍ର, ଉପାଧ୍ୟକ୍ଷା ଡ. ଦେବସ୍ମିତା ମିଶ୍ର, ସାଧାରଣ ସମ୍ପାଦକ ଡ. ରଜନୀ କାନ୍ତ ମିଶ୍ର, ତଥା ଉପସଭାପତି ରୋଜାଲିନ ମହାନ୍ତି, ବୁଲୁ ଚୌଧୁରୀ, ସୁଲୋଚନା ମହାନ୍ତି, ସୁନିତା ମଲ୍ଲିକ ଓ ସରୋଜ ବନ୍ଧୁ ମିଶ୍ର ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୨୦ଜଣ ମହିଳାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ଅବସରରେ ନାରୀ ସଶକ୍ତୀକରଣ ସମ୍ପର୍କରେ ବିଭିନ୍ନ ଆଲୋଚନା ହୋଇଥିବାବେଳେ ବକ୍ତା ଭାବେ ଦୀପ୍ତିମୟୀ ମହାପାତ୍ର, ସୁଜାତା ପ୍ରହରାଜ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମର୍ଥ ସୌରଭ ପଣ୍ଡା ଓ ସୌମାନସ ମହାପାତ୍ରଙ୍କ ଦ୍ୱାରା ଗଣେଶ ବନ୍ଦନା ଗାୟନ କରାଯାଇଥିଲା । ଅନ୍ତର୍ଜାତୀୟ ନୃତ୍ୟ ଶିଳ୍ପୀ ତପସ୍ୱିନୀ ପଣ୍ଡା 'ଐଗିରିନନ୍ଦିନୀ' ଏବଂ 'ଲକ୍ଷେ ଶାଳଗ୍ରାମ' ସଙ୍ଗୀତରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ମନସ୍ୱିନୀ ଦାଶ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ଖୁସିରେ ଅବସର ନେଲେ ଦିଦି ନିରୂପମା



ଯାଁଳା/ବଡ଼ରଘୁନାଥପୁର, ୧୧।୩(ସମିସ): ସମିସ ଭୁବନେଶ୍ୱର ଉପକଣ୍ଠ ମଦନପୁର ପଞ୍ଚାୟତ ମଦନପୁର ୧ ଅଙ୍ଗନବାଡ଼ି କର୍ମୀ ନିରୂପମା ଚମ୍ପତି ବୁଧବାର ଅବସର ନେଇଛନ୍ତି । ଏଇ ଅବସରରେ ଜଟଣୀ ବ୍ଲକର ସମନ୍ୱିତ ଶିଶୁ ବିକାଶର ଅଫିସ୍ ଷ୍ଟାଫ୍, ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ମାନେ, ସ୍ଥାନୀୟ ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ, ସହାୟିକା, ସ୍ଥାନୀୟ ସରପଞ୍ଚ ଓ ସମାଜସେବୀ, ଗଣମାଧ୍ୟମ ବ୍ୟକ୍ତିଗଣ ଓ କୁନି କୁନି ଶିଶୁମାନେ ଉପସ୍ଥିତ ଥିଲେ । ସେ ନିଷ୍ଠାପର ଭାବରେ କାମ କରିଆସୁଥିଲେ ଅବସରରେ ଅତିଥିମାନଙ୍କୁ ପାଇ ଖୁସି ଅନୁଭବ କରିଥିଲେ ।

## ● ୨୦ ଦିନରେ ଠିକାଦାର ଆନ୍ଦୋଳନ

## ଆନ୍ଦୋଳନ ପ୍ରତ୍ୟାହାର ନେଇ ବିଭ୍ରାନ୍ତି କରାଯାଉଛି: ସଂଘ




ଭୁବନେଶ୍ୱର, ୧୧।୩(ସମିସ): ଓଡ଼ିଆ ଠିକାଦାରଙ୍କ ପ୍ରତି ସରକାରୀ ଉଦାସୀନତାର ପ୍ରତିବାଦରେ ଜାରି ରହିଥିବା ଆନ୍ଦୋଳନ ୨୦ ଦିନରେ ପହଞ୍ଚିଛି । 'ଓଡ଼ିଶା କଣ୍ଟ୍ରାକ୍ଟସ୍‌ର୍ ଆସୋସିଏସନ୍' ପକ୍ଷରୁ ଏହି ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ଏହା ପ୍ରତ୍ୟାହାର ହୋଇଥିବା ଗୁଜବ ସୃଷ୍ଟି କରାଯାଉଛି ବୋଲି ଠିକାଦାର ସଂଘ ଅଭିଯୋଗ କରିଛି । ଗତ ଶୁକ୍ରବାର ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଆହ୍ୱାନ କ୍ରମେ ସଂଘର କର୍ମକର୍ତ୍ତାମାନେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗର ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ସଂଘ ପକ୍ଷରୁ ଉଠାଯାଇଥିବା ୮ ଦଫା ଦାବି ସମ୍ପର୍କରେ ଏଠାରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ମନ୍ତ୍ରୀ ଉପସ୍ଥାପିତ ସମସ୍ତ ଦାବିର ସମାଧାନ ସମ୍ପର୍କରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ହୋଇଥିବା ନିଷ୍ପତ୍ତି ଓ ପ୍ରତିଶ୍ରୁତିକୁ ଲିଖିତ ଭାବରେ ସରକାର ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା ଓ ମନ୍ତ୍ରୀ ମଧ୍ୟ ୨ ଦିନରେ ଲିଖିତ ପ୍ରତିଶ୍ରୁତି ମିଳିବ ବୋଲି ଆଶ୍ୱାସନା ଦେଇଥିଲେ । ମାତ୍ର ଇତିମଧ୍ୟରେ ୬ ଦିନ ବିତିଥିଲେ ବି ଏ ସମ୍ପର୍କରେ ଲିଖିତ ପ୍ରତିଶ୍ରୁତି ସରକାର ଦେଇ ନାହାନ୍ତି । ତେଣୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି ।

ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ପିଏଚ୍‌ଡି ଆସୋସିଏସ୍‌ନର କିଛି ବ୍ୟକ୍ତି ଆନ୍ଦୋଳନ ପ୍ରତ୍ୟାହାର ସଂକ୍ରାନ୍ତରେ ମିଛ ଓ ବିଭ୍ରାନ୍ତିକର ପ୍ରଚାର କରୁଛନ୍ତି । ମନ୍ତ୍ରୀଙ୍କ ଦ୍ୱାରା ବୈଠକରେ ଦିଆଯାଇଥିବା ଆଶ୍ୱାସନା ଅନୁସାରେ ଲିଖିତ ପ୍ରତିଶ୍ରୁତି ଦାବିରେ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏସନ ଅଟଳ ରହିଛି । ଯଦି ଶୀଘ୍ର ଲିଖିତ ଆଶ୍ୱାସନ ପ୍ରଦାନ କରାଯାଇନଥାଏ, ତେବେ ସେମାନେ ପୁନର୍ବାର ଆନ୍ଦୋଳନକୁ ତୀବ୍ର କରିବେ ବୋଲି ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏସନ ଚେତାବନୀ ଦେଇଛି ।

## କିଟ୍‌ରେ ହେବ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ

ଭୁବନେଶ୍ୱର, ୧୧।୩(ସମିସ): ଆସନ୍ତା ଏପ୍ରିଲରେ କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ । ଏହି ମେଗା ଇଭେଣ୍ଟ ପାଇଁ ଆଜି ମୁମ୍ବାଇଠାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଫେମିନା ମିସ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ପ୍ରଥମ ଥର ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ମେଗା ଇଭେଣ୍ଟ ଆୟୋଜନ କରାଯିବା ସହ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର କିଟ୍‌ରେ ଆୟୋଜନ ହେବାକୁ ଯାଉଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ ଅଫ୍ ଆର୍କିଟେକଚର୍ ମହାନିର୍ଦ୍ଦେଶକ ପ୍ରଫେସର ଏସ୍‌ଏସ୍ ରାୟ ଓ ଟାଇମ୍ ଗ୍ରୁପ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଗୋପ କୁମାର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ମୁମ୍ବାଇର ଟାଇମସ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିପାଇଁ ଶ୍ରୀ ସାମନ୍ତ ଟାଇମସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବିନୀତ ଜୈନ, ସିଇଓ ରୋହିତ ଗୋପକୁମାର ଓ ଫେମିନା ମିସ୍ ଇଣ୍ଡିଆ ଦଳକୁ ଧନ୍ୟବାଦ ଜଣାଇଛନ୍ତି ।

## 'ସପ୍ତାହର କାରିଗର' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୩(ସମିସ): ଓଡ଼ିଶା ହସ୍ତଶିଳ୍ପ ପରିଷଦ ପକ୍ଷରୁ ଏକାମ୍ର ହାଟରେ 'ସପ୍ତାହର କାରିଗର' ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିସନର ଗୁହା ପୁନମ ତାପସ କୁମାର, ପରିଷଦର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇଏଏସ୍ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ । ପ୍ରଥମ ମାସର ଏହି କାର୍ଯ୍ୟକ୍ରମ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ୍ କମ୍ପାନୀଜ୍ ଦ୍ୱାରା ପ୍ରାୟୋଜିତ ହୋଇଛି । ଉତ୍ପାଦନ କ୍ଷେତ୍ରରେ କଞ୍ଚାମାଲ୍, ଡିଜାଇନ୍ ଓ ଉତ୍ପାଦ ବିକାଶ ଏବଂ ବିପଣନ କ୍ଷେତ୍ରରେ ବ୍ରାଣ୍ଡିଂ ତଥା ପ୍ରଚାର ଭଳି ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରି ହସ୍ତଶିଳ୍ପ-ଭିତ୍ତିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବାକୁ ପରିଷଦ ପ୍ରସ୍ତାବ ଦେଇଛି । ଓଡ଼ିଶା ହସ୍ତଶିଳ୍ପ ପରିଷଦ ଏହାର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ ସରକାର ଏବଂ ଅନ୍ୟାନ୍ୟ ସଂଗଠନ ସହିତ ମିଳିତ ସହଭାଗିତାରେ କାର୍ଯ୍ୟ କରିବ । କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଲଳିତଗିରିର ପଥର ଖୋଦେଇ କାରୁକାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ତଥା ଶିଳ୍ପୀଗୁରୁ ପୁରସ୍କାର ପ୍ରାପ୍ତ କାରିଗର କଳ୍ପତରୁ ମହାରଣା ଅଂଶଗ୍ରହଣ କରିଥିଲେ ।

## ନୂତନ ସରକାରୀ ବାସଗୃହ କଲୋନୀରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ଭୁବନେଶ୍ୱର, ୧୧।୩(ସମିସ): 'ନିୟୁ ଗଭର୍ମେଣ୍ଟ କଲୋନୀ' ରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ ରବିବାର ୧୦ମ ବାର୍ଷିକ 'ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ' ଅନୁଷ୍ଠିତ ହୋଇଛି । ଯଜ୍ଞର ଶୁଭାରମ୍ଭ କଳଶ ଯାତ୍ରା ସହ ହୋଇଥିଲା । କଲୋନୀ ଓ ଆଖପାଖ ଅଞ୍ଚଳର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ସମ୍ପନ୍ନ ହୋଇଥିଲା । ଏହାପରେ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଗାୟତ୍ରୀ ମନ୍ତ୍ର ସହ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ ହୋଇଥିଲା । ଏହି ଗାୟତ୍ରୀ ମହାଯଜ୍ଞରେ କଲୋନୀ ଅଧିବାସୀଙ୍କ ସହିତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, କର୍ପୋରେଟର ଜୟନ୍ତୀ ସାହୁ ଯଜ୍ଞରେ ଉପସ୍ଥିତ ଥିଲେ । ଗାୟତ୍ରୀ ପରିବାରର ଆରାଧନା ଶତପଥୀ ଓ ଉପାସନା ଶତପଥୀଙ୍କ ଦ୍ୱାରା ଯଜ୍ଞ କର୍ମକାଣ୍ଡ, ସଙ୍ଗୀତ ଓ ପ୍ରବଚନ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଥିଲା । ପାଖାପାଖି ଅଞ୍ଚଳରୁ ପ୍ରାୟ ୧୫୦୦ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ତୃତୀୟ ପର୍ଯ୍ୟାୟରେ ସଂଧ୍ୟାବେଳେ ଦୀପ ମହାଯଜ୍ଞ ଓ ବିଶେଷ ପ୍ରବଚନର ଆୟୋଜନ କରାଯାଇଥିଲା । ନିୟୁ ଗଭର୍ମେଣ୍ଟ କଲୋନୀ ଗାୟତ୍ରୀ ମହାଯଜ୍ଞ ସମିତିର ମୁରଲୀଧର ଜେନା, ଡା. ଜୟକୃଷ୍ଣ ପାତ୍ର, ଡା. ରେବତୀକାନ୍ତ ମହାରଣା, ସମରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯଜ୍ଞ ସମ୍ପାଦିତ ହୋଇଥିଲା ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର, ୧୧।୩(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ବୈଠକ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଓଡ଼ିଶାରେ ସରକାରଙ୍କ ଇଙ୍ଗିତରେ ସଂଖ୍ୟାଲଘୁଙ୍କ ଉପରେ ସାମ୍ପ୍ରଦାୟିକ ବିଭାଜନବାଦୀ ଆକ୍ରମଣ, ହତ୍ୟା, ଦଳିତ, ଆଦିବାସୀ ଓ ମହିଳାଙ୍କ ଉପରେ ନିର୍ଯାତନା, ଖଣିଜ ଲୁଣ୍ଠନ, ଦୁର୍ନୀତି, ଭ୍ରଷ୍ଟାଚାର ଓ ରାଜ୍ୟସଭା ନିର୍ବାଚନରେ ଇଡି ଭୟ ଦେଖାଇ ହେଉଥିବା ଘୋଡ଼ା ବେପାର ଉପରେ ଗଭୀର କ୍ଷୋଭ ପ୍ରକାଶ କରିବା ସହ ଗତ ୪ ମାସର କାମଦାମର ବିବରଣୀ ଉପସ୍ଥାପନ କରିଛନ୍ତି । ସେହିଭଳି 'ରାଜ୍ୟସ୍ତରୀୟ ବିସ୍ଥାପନ ବିରୋଧୀ ଆନ୍ଦୋଳନ' କ୍ରମରେ ରାଜ୍ୟସ୍ତରୀୟ ଗଣଧାରଣା ଆସନ୍ତା ମାସ ୬ ତାରିଖରେ ଓଡ଼ିଶା ବିଧାନସଭା ସମ୍ମୁଖରେ ସଂଗଠିତ ହେବ ।

## ୯ ମହିଳାଙ୍କୁ ଚେଞ୍ଜମେକର୍, ୧୨ ଜଣଙ୍କୁ ହର୍ ଓଡ଼ିଶା ଏକ୍ସିଲେନ୍ସ ଆୱାର୍ଡ

ଭୁବନେଶ୍ୱର, ୧୧।୩(ସମିସ): ଆର୍ଯ୍ୟାଲେକ୍ସ ଫାଇଣ୍ଡେସନ୍ ଫର୍ ସୋସିଆଲ୍ ଆକ୍ଟିଭିଟିଜ୍ (ଆଫସା) ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ହର୍ ଓଡ଼ିଶା' ନାମରେ ଏକ ବିଶେଷ କାର୍ଯ୍ୟକ୍ରମ ସ୍ୱସ୍ତି ପ୍ରିମିୟମ୍ ଠାରେ ତିନୋଟି ଅଧିବେଶନ ସହିତ ଆୟୋଜିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଆଫସାର ପ୍ରତିଷ୍ଠାତା ଡ଼. ଆଲେକଜାଣ୍ଡାର ଦାସ ଅଧ୍ୟକ୍ଷତା କରିଥିବା ବେଳେ ଆର୍ସେଲର ମିତଲ ନିପନ୍ ଷ୍ଟିଲ ଇଣ୍ଡିଆର ଡିଜିଏମ୍ ଏଚଆର୍ ସୁପ୍ରିୟା ସ୍ୱାଇଁ ଓ ହିନ୍ଦାଲକୋ, ସୁନ୍ଦରଗଡ଼ର ଜିଏମ ଏବଂ ସିଏସଆର ହେଡ ନିହାରିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହା ସହିତ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୧୨ ଜଣଙ୍କୁ ହର୍ ଓଡ଼ିଶା ଏକ୍ସଲେନ୍ସ ଆୱାର୍ଡ଼ ଓ ୯ ଜଣଙ୍କୁ ଚେଞ୍ଜମେକର୍ସ ଆୱାର୍ଡ଼ ପ୍ରଦାନ କରାଯାଇଛି । ହର ଓଡ଼ିଶା ଏକ୍ସିଲେନ୍ସ ଆୱାର୍ଡ଼ ପାଇଁ ସୋନାଲି ଓଝା, ବିଦ୍ୟୁତପ୍ରଭା ଦାସ, ରୁକ୍ମିଣୀ ଖଲିଆ, ବନସ୍ମିତା ପତି, ଲୀଳାବତୀ ଉଲାକା, ସୁଶ୍ରୀ ସଙ୍ଗୀତା ଦାସ, ସଞ୍ଜୁ ପାତ୍ର, ପ୍ରିୟଂଶୀ ବିଶ୍ୱାଳ, ଶୁଭଶ୍ରୀ ଭଞ୍ଜ, ବିଭାରାଣୀ ପାତ୍ର, ଡ଼. ସୁମୋନା କାର୍ଜି ମିଶ୍ର ଓ ଦୀପିକା ଦଣ୍ଡପାଟଙ୍କୁ ସମ୍ମାନିତ କରାଯାଇଛି । ସେହିପରି ଭାରତୀ ନାହାକ, କୃଷ୍ଣା ପ୍ରିୟଦର୍ଶିନୀ ରାଉତ, ରୁମାନା ଜାଫ୍ରି, ମୋନାଲିସା ମିଶ୍ର, ପ୍ରଭାବତୀ ସାମଲ, ଚାରୁଲତା ବିଶ୍ୱାଳ, ଶିବାନୀ ଶୁଭଦର୍ଶିନୀ, ଡ଼. ଅଭିଲାଷା ମିଶ୍ର ଓ ଚିନ୍ମୟୀ ଦେଓଙ୍କୁ ଚେଞ୍ଜମେକର୍ସ ଆୱାର୍ଡ଼ ସମ୍ମାନିତ କରାଯାଇଛି । ଏଥିସହିତ ତିନିଦିନିଆ ଏହି ଅଭିଯାନର ପ୍ରଥମ ଦିନରେ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ସୁଆଁସାହି ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଶିକ୍ଷାର ପ୍ରୋତ୍ସାହନ ଦେବା ପାଇଁ ସ୍କୁଲ୍ କିଟ୍ ବଣ୍ଟନ କରାଯାଇଥିଲା ଏବଂ ଦ୍ୱିତୀୟ ଦିନ ମହିଳାମାନଙ୍କ ଦ୍ୱାରା ଏକ ବିଶେଷ ମହିଳା ରକ୍ତଦାନ ଶିବିର ଆୟୋଜନ ସହ 'ୱିମେନ୍ ଲିଜିଙ୍ଗ ସମୃଦ୍ଧ ଓଡ଼ିଶା: ଅପର୍ଚ୍ଚୁନିଟୀ ଆଣ୍ଡ ଚ୍ୟାଲେଞ୍ଜେସ ଫର୍ ଓଡ଼ିଶା ଭିଜନ' ବିଷୟରେ ଏକ ପ୍ୟାନେଲ୍ ଚର୍ଚ୍ଚା ଆୟୋଜିତ ହୋଇଥିଲା । ଏହି ଅଧିବେଶନକୁ ସାମ୍ବାଦିକା ବିଦ୍ୟୁତପ୍ରଭା ଦାସ ସଞ୍ଚାଳନ କରିଥିଲେ । ପ୍ୟାନେଲିଷ୍ଟ ଭାବେ ଇଣ୍ଟରନ୍ୟାସନାଲ ଇନ୍‌ଡିସେନ୍ସି ମୁଭମେଣ୍ଟର ଡାଇରେକ୍ଟର ଡଃ ଅରୁନ୍ଧତୀ ଦେବୀ, ୱିନିଓରସ୍ ଫୋରମ୍‌ର ଫାଉଣ୍ଡର ଏବଂ ଏମଡି ଡ. ମନୀଷା ଆଚାର୍ଯ୍ୟ, ଅଭିଷ୍ଟ ଚାରିଟେବୁଲ୍ ଟ୍ରଷ୍ଟ ର ଫାଉଣ୍ଡର ଆଲି ପାଢ଼ୀ, ବେଦାନ୍ତ ଆଲୁମିନିୟମ କୋଲ୍‌ମାଇନର ଏଜିଏମ୍ ଓ ସିଏସଆର ହେଡ଼ ସଙ୍ଗୀତା ସାହୁ ଓ ମହିଳା ଉଦ୍ୟୋଗୀ ଅନୁରାଧା ମହାନ୍ତି ଯୋଗଦେଇ ଓଡ଼ିଶାର ଉନ୍ନତିରେ ମହିଳାଙ୍କ ଭୂମିକା ଓ ଚ୍ୟାଲେଞ୍ଜ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷ ଅଧିବେଶନରେ କେସିଡବ୍ଲୁର ଲିଡ୍ ସିଏସଆର୍ କବିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଓ ବାରବାଟି କଟକ ନିର୍ବାଚନମଣ୍ଡଳୀର ବିଧାୟିକା ସୋଫିଆ ଫିର୍ଦୌସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିଲେ ।





# ପରିତ୍ୟକ୍ତ 'ନମ୍ରକାନି' ସାଜିଛି ଚର୍ମରୋଗର ବାହକ



ଭୁବନେଶ୍ୱର, ୧୧।୩(ସମିସ): ଜଳାଶୟରେ ଭର୍ତ୍ତି ହୋଇଛି କୁଢ଼ କୁଢ଼ ଆବର୍ଜନା। ପ୍ଲାଷ୍ଟିକ୍ ବୋତଲ ଠାରୁ ଆରମ୍ଭ କରି ଘରେ ବ୍ୟବହାର ହେଉଥିବା ସାମଗ୍ରୀ ବି ପଡ଼ି ରହିଛି। ଆବର୍ଜନା ଏତେ ପଡ଼ି ରହିଛି ଯେ, ପୋଖରୀର ପାଣି ଦିଶୁ ନାହିଁ। ଦୀର୍ଘଦିନ ଧରି ଅଳିଆ ଆବର୍ଜନାଗୁଡ଼ିକ ପଡ଼ି ରହୁଥିବାରୁ ତାହା ପଚି ସଢ଼ି

- **ଦୁର୍ଗନ୍ଧରେ ଫାଟିପଡୁଛି ସ୍ଥାନୀୟ ଅଞ୍ଚଳ**
- **ଦୁଇବର୍ଷ ତଳେ ଖର୍ଚ୍ଚ ହୋଇଥିଲା ଦେଢ଼କୋଟି**

ହୋଇ ପାଣି ବି ନଷ୍ଟ ହୋଇଗଲାଣି। ତା ସାଙ୍ଗକୁ ପୋଖରୀ ଭିତରେ ପଙ୍କ କାଦୁଅରେ ଭର୍ତ୍ତି ହୋଇଛି। ଫଳରେ ଅପରିଷ୍କାର ପାଣିରେ ପାଦ ରଖିବାକୁ ବି ଭୟ କରୁଛନ୍ତି ଅଞ୍ଚଳବାସୀ। ଯେଉଁ ପୋଖରୀ ଦିନେ ସ୍ଥାନୀୟ ଲୋକଙ୍କ ଜୀବନଧାରା ପାଲଟିଥିଲା ଆଜି ତାହା ପରିତ୍ୟକ୍ତ ଅବସ୍ଥାରେ। ଏଭଳି ପରିତ୍ୟକ୍ତ ଅବସ୍ଥାରେ ରହିଛି ପାତ୍ରପଡ଼ାସ୍ଥିତ ନମ୍ରକାନି ପୋଖରୀ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୬୫ର ପାତ୍ରପଡ଼ାରେ ରହିଛି ଏହି ଜଳାଶୟ। ୨୦୨୨ ମସିହା ସ୍ୱାୟତ୍ତ ଶାସନ ଦିବସ ଅବସରରେ ୧କୋଟି ୮୯ ଲକ୍ଷ ବ୍ୟୟ ଅଟକଳରେ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ହେଲେ ମାସ କେଇଟା ପରେ ପାଣିର ଅବସ୍ଥା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ଏହି ପୋଖରୀର ପୁନରୁଦ୍ଧାର ସମୟରେ ଚାରିପାଖରେ ଷ୍ଟିଲ ବାଡ଼ ସମେତ ପାଚେରୀ ନିର୍ମାଣ କରାଯିବା ସହ ପାଚେରୀ କଡ଼ରେ ରଙ୍ଗବେରଙ୍ଗର ଫୁଲ ଗଛ ପୋଖରୀର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି। ଶୌଚ ପାଇଁ ଉଭୟ ପୁରୁଷ ଓ ମହିଳାମାନଙ୍କ ବ୍ୟବହାର ନିମନ୍ତେ ରହିଛି ଅଲଗା ଅଲଗା ଶୌଚାଳୟ। ସୂର୍ଯ୍ୟ ଉଦୟ ହେବା ମାତ୍ରେ ପୋଖରୀ ତୁଠରେ ଲାଗିଯାଏ ଭିଡ଼। ନିତ୍ୟକର୍ମ କରିବା ସହ ଗାଧୋଇବା ସହ ସ୍ଥାନୀୟ ଯୁବକମାନେ ଖରାଦିନେ ପହଁରୁଥିବା ଦୃଶ୍ୟ ସମସ୍ତଙ୍କୁ ଆମୋଦିତ କରିଥାଏ। ସଞ୍ଜ ନଇଁଲେ ପୋଖରୀ କୂଳରେ ବହୁଥିବା ସୁଲୁସୁଲିଆ ପବନ ଖାଇବାକୁ ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଯୁବକମାନେ ଏଠାରେ ଅବସର ସମୟ ଅତିବାହିତ କରିଥାନ୍ତି। ହେଲେ ପ୍ରାୟ ୨ବର୍ଷ ହେବ ପୋଖରୀ ପାଣି ଅପରିଷ୍କାର ହୋଇ ଦୁର୍ଗନ୍ଧ ହେଉଥିବାରୁ ପୂର୍ବଭଳି ଲୋକମାନେ ଆଉ ପୋଖରୀ କୂଳକୁ ଯାଉନଥିବା କହିଛନ୍ତି। ପାଣି ଭିତରେ ବଡ଼ ଗଛ ହୋଇଥିବା ସହ ପାଣି ଠିକ୍ ଭାବେ ନିଷ୍କାସନ ହେଉନଥିବାରୁ ଏହି ପାଣି ବ୍ୟବହାର କରି ଚର୍ମରୋଗର ଶିକାର ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ବଡ଼କଥା ହେଉଛି ୨ବର୍ଷ ପୂର୍ବରୁ ପୋଖରୀର ପୁନରୁଦ୍ଧାର ବାବଦକୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ପୋଖରୀ ନିକଟରେ ରହିଥିବା ଫଳକରୁ ଜଣାପଡ଼ିଛି। କିନ୍ତୁ ଏତେ କମ୍ ଦିନ ଭିତରେ ପୋଖରୀର ଅବସ୍ଥା ଏତେ ଖରାପ କାହିଁକି ହେଲା ବୋଲି ଅନେକ ପ୍ରଶ୍ନ କରିଛନ୍ତି। ଅନ୍ତତଃ ବର୍ଷେ ବ୍ୟବଧାନରେ ପାଣି ସଫା କରାଯିବା କଥା, କିନ୍ତୁ ଏଠାରେ ବର୍ଷକ ପୂର୍ବରୁ ପୋଖରୀ ଜରାଜୀର୍ଣ୍ଣ ହୋଇ ପଡ଼ିଛି। ତେବେ ଗ୍ରାମବାସୀଙ୍କ କହିବା ଅନୁସାରେ ଏଠାରେ ଅନେକ ଲୋକେ ମନଇଚ୍ଛା ଆବର୍ଜନା ପକାଉଛନ୍ତି। ଫଳରେ ପାଣି ଭିତରେ ରହି ସେସବୁ ପଚି ସଢ଼ି ପାଣି ଖରାପ କରୁଛି। ଏହାସହ ପାଣି ଭିତରେ ପ୍ରାକୃତିକ ଭାବେ ଚିଙ୍ଗୁଡ଼ିଆ ଦଳ ଉଠିଥିବାରୁ ପାଣି ବ୍ୟବହାର କରି ହେଉନି। ବାରମ୍ବାର ଦଳ ଗୁଡ଼ିକ ସଫା କରାଯାଉଥିଲେ ବି ଦିନ କେଇଟା ପରେ ପୁଣି ତାହା ଉଠୁଛି। ଏସମ୍ପର୍କରେ ସ୍ଥାନୀୟ କର୍ପୋରେଟର ରାଶ୍ମିରଞ୍ଜନ ପାଟଶାଣୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ହୋଇପାରି ନାହିଁ।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୧।୩(ସମିସ): ମନ୍ଦିରମାଳିନୀ ସହର ହେଉଛି ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। କେବଳ ସେତିକି ନୁହଁ ପ୍ରାଚୀନ ଗୁମ୍ଫା ଓ ମଠ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ। ଯେଉଁଥିରେ ଦେଖିବାକୁ ମିଳେ ଉତ୍କଳୀୟ ଐତିହ୍ୟ ଏବଂ କିର୍ତ୍ତିରାଜି। ସେଥିପାଇଁ ପ୍ରତି ଗଳିରେ ଛୋଟରୁ ବଡ଼ ଅନେକ ମନ୍ଦିର ପରିଲକ୍ଷିତ ହୋଇଥାଏ। ସେଥିମଧ୍ୟରୁ ଅନ୍ୟତମ ହେଉଛି ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ଆକର୍ଷଣ ମଧ୍ୟରୁ ଏହା ଅନ୍ୟତମ। ଯାହା ସହ ଯୋଡି ହୋଇ ରହିଛି ଅନେକଙ୍କ ସ୍ମୃତି।

ସାମଜିକ ଗଣମାଧମରେ ଦେଖିବାକୁ ମିଳିଥିଲା ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର। ଯେଉଁଥିରେ ପୁରୁଣା ସମୟରେ ଲିଙ୍ଗରାଜ ମନ୍ଦିରର ଝଲକ ପରିଲକ୍ଷିତ ହେଉଛି। ଏହି ଫଟୋଚିତ୍ରଟି ୧୮୬୯ ମସିହାରେ ଆଲେକ୍‌ଜାଣ୍ଡାର ଡି ବାରଙ୍କ ଦ୍ୱାରା ଏହି ଚିତ୍ରଟି ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ମନ୍ଦିରର ଉତ୍ତରପାର୍ଶ୍ୱର ବୋଲି କିଛି ମତ ଦେଇଛନ୍ତି। ସେହି ଦୃଶ୍ୟରେ କିଛି ଲୋକ ମନ୍ଦିରର ଦ୍ୱାରର ପାହାଚରେ ବସିଥିବାବେଳେ ଆଉକିଛି ମହିଳା ପରିସରରେ ଥିବା କୂଅରୁ ପାଣି କାଢୁଥିବା ଦେଖିବାକୁ ମିଳିଛି। ମନ୍ଦିରଟି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିବାବେଳେ ଏକାଦଶ ଶତାବ୍ଦୀରେ ସୋମବଂଶୀ ରାଜବଂଶର ରାଜାମାନଙ୍କ ଦ୍ୱାରା ନିର୍ମିତ ବୋଲି ବିଶ୍ୱାସ କରାଯାଏ।

## ଭୁବନେଶ୍ୱରରେ ପହଞ୍ଚିଲା ଶିରିଡ଼ି ସାଇବାବାଙ୍କ ଚରଣ ପାଦୁକା



ଭୁବନେଶ୍ୱର, ୧୧।୩(ସମିସ): ଶ୍ରୀ ଶିରିଡି ସାଇବାବାଙ୍କ ଚରଣ ପାଦୁକା ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିବା ବେଳେ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ପାଦୁକାକୁ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ। ପାଦୁକାକୁ ଦର୍ଶନ କରିବା ପାଇଁ ବିମାନ ବନ୍ଦର ବାହାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋରକ୍ଷ ଗଡ଼ିଲକର, ଆଇଏଏସଙ୍କ ନେତୃତ୍ୱରେ ଏକ ପଚିଶି ଜଣିଆ ଦଳ ପାଦୁକା ସହ ଶିରିଡ଼ିରୁ ଆସିଛନ୍ତି। ରାତିରେ ପାଦୁକା ବ୍ରହ୍ମପୁରରେ ପହଞ୍ଚିବା ପରେ ମାଣ୍ଡିଆପଲ୍ଲୀସ୍ଥିତ ଶିରିଡି ସାଇ ମନ୍ଦିରରେ ରଖାଯିବ। ଗୁରୁଜୀ ଡକ୍ଟର ଶତପଥୀ ମଧ ପାଦୁକା ସହିତ ବ୍ରହ୍ମପୁର ଯାତ୍ରା କରିଛନ୍ତି ଓ ଦୁଇଦିନ ପାଦୁକା ଦର୍ଶନ ସମୟରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।



ଭରତପୁରଥାନା ଅନ୍ତର୍ଗତ କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଥିବା ତାରିଣୀ ମାର୍କେଟରେ ବୁଧବାର ବିଳମ୍ବିତ ରାତ୍ରୀରେ ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରାୟ ୩୦ଟି ଦୋକାନ ଭସ୍ମ

## କଥକ ଶିଳ୍ପୀ ଶାଶ୍ୱତିଙ୍କୁ ମିଳିବ ମାହାରୀ ସମ୍ମାନ

ଭୁବନେଶ୍ୱର, ୧୧।୩(ସମିସ): ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ତରଫରୁ ପ୍ରଦାନ କରାଯାଉଥିବା ସମ୍ମାନଜନକ ମାହାରୀ ସମ୍ମାନ ପାଇଁ କଥକ ନୃତ୍ୟ ଶିଳ୍ପୀ ଶାଶ୍ୱତି ସେନ୍ ମନୋନୀତ ହୋଇଛନ୍ତି। ଏହି ସମ୍ମାନ ବାବଦଙ୍କୁ ନଗଦ ଏକ ଲକ୍ଷ ଟଙ୍କା ସହ ଏକ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ଶାଶ୍ୱତି ସେନ୍ ଲକ୍ଷ୍ନୌ ଘରାନା କଥକ ନୃତ୍ୟ ଶୈଳୀର ଏକ ପ୍ରମୁଖ ନୃତ୍ୟଶିଳ୍ପ ଓ କଥକ ନୃତ୍ୟର ପ୍ରବାଦ ପୁରୁଷ ପଣ୍ଡିତ ବିରଜୁ ମହାରାଜାଙ୍କର ପଟ୍ଟଶିଷ୍ୟ ଭାବରେ ପରିଚିତା। ଆସନ୍ତା ୧୯ ତାରିଖରେ ତାଙ୍କୁ ମାହାରୀ ସମ୍ମାନ ପ୍ରଦାନ କରାଯିବ। ଚଳିତ ବର୍ଷ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନର ୩୨ତମ ଅଧିବେଶନ ରବୀନ୍ଦ୍ର ମଣ୍ଡପଠାରେ ଆସନ୍ତା ମାର୍ଚ୍ଚ ୧୭, ୧୮, ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଚାରିଜଣ ଶିଳ୍ପୀଙ୍କୁ ସମ୍ମାନୀତ କରାଯିବ। ଓଡ଼ିଶୀ ମର୍ଦ୍ଦଳ କ୍ଷେତ୍ରରେ ଗୁରୁ ରତିକାନ୍ତ ମହପାତ୍ରଙ୍କୁ ମାଦେଳି, ଗାଇକା ଡ଼. ସଙ୍ଗୀତା ପଣ୍ଡାଙ୍କୁ ଗାଉଣି ସମ୍ପ୍ରଦା, ଓଡ଼ିଶୀ ସଙ୍ଗୀତଜ୍ଞ ଓ ଗୁରୁ ବ୍ରଜବନ୍ଧୁ ରଣସିଂହଙ୍କୁ ବୀଣାକାର ଓ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପ୍ରତିଭା ପଣ୍ଡାଙ୍କୁ ନାଚୁଣୀ ସମ୍ପ୍ରଦା ସମ୍ମାନ ତଥା ଉପାଧି ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ। ଗୁରୁ ପଙ୍କଜ ଉତ୍ସବରେ ଭାରତ ବର୍ଷରେ ବିଭିନ୍ନ ପ୍ରାନ୍ତର ଓ ଓଡ଼ିଶାର ବହୁ ଉଦୀୟମାନ ଓ ପ୍ରତିଷ୍ଠିତ ଏକକ ନୃତ୍ୟ ଶିଳ୍ପୀମାନେ ଭାଗ ନେବେ। ଏହି ଉତ୍ସବକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନାଲକୋ, ବେଦାନ୍ତ ଆଲୁମିନିୟମ୍ ଇତ୍ୟାଦି ପୃଷ୍ଠପୋଷକତା ଯୋଗାଇ ଦେଇଛନ୍ତି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସମ୍ପାଦକ ଗୁରୁ ଶରତ ଦାସ ଏକ ଇସ୍ତାହାରରେ ଜଣାଇଛନ୍ତି।

## ସୋଆ ଆଇବିସିଏସ୍ ପକ୍ଷରୁ ବିଜିନେସ୍ ମେଳା 'ମାର୍କ-ଆଇଟି'

ଭୁବନେଶ୍ୱର, ୧୧।୩(ସମିସ):ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ) ପକ୍ଷରୁ ବୁଧବାର କ୍ୟାମ୍ପସ୍ ୨ ପରିସରରେ 'ମାର୍କ-ଆଇଟି: ମ୍ୟାର୍କେଟିଂ ଫେୟାର୍ ୧.୦ -୨୦୨୬' ବିଜିନେସ୍ ମେଳା ଆୟୋଜିତ ହୋଇଯାଇଛି। ସୋଆର ଉପସଭାପତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ ଏଭଳି ବିଜିନେସ ମେଳା ଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂ ଦିଗ ପ୍ରତି ଆକୃଷ୍ଟ ହେବେ ବୋଲି କହିଥିଲେ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂର ସମସ୍ତ ଜ୍ଞାନ କୌଶଳ ଆହରଣ କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଡ. ଅୟସକାନ୍ତ ମହାନ୍ତି ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଜିନେସ୍ ମେଳାରେ ବିଭିନ୍ନ ପ୍ରକାର ଖାଦ୍ୟ, ମେଡିକାଲ, ହସ୍ତତନ୍ତ, ମହିଳା ପ୍ରସାଧାନ, ଅଟୋମୋବାଇଲ୍‌ସ ଭଳି ୬୩ଟି ଷ୍ଟଲର୍ ଆୟୋଜନ କରାଯାଇଥିଲା। ମେଳାକୁ ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡ. ସରଜୁ ପ୍ରସାଦ ଓ ଆସିଷ୍ଟାଣ୍ଟ ପ୍ରଫେସର ଡ. ନେହା ଗୁପ୍ତା ପରିଚାଳନା କରିଥିଲେ।

## ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ଦାବିରେ ଆଶାୟୀଙ୍କ ଗର୍ଜନ

ଭୁବନେଶ୍ୱର, ୧୧।୩(ସମିସ): ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ଦାବି ନେଇ ଆଶାୟୀ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଡ଼ିଶାରେ ଓଡ଼ିଆ ଭାଷାକୁ କାହିଁକି ଉପେକ୍ଷା କରାଯାଉଛି ବୋଲି ପ୍ରଶ୍ନ କରିବା ସହ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ ପ୍ରତି ହାଇସ୍କୁଲ୍‌ରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି। ଆନ୍ଦୋଳନକାରୀଙ୍କ କହିବା କଥା, ସମସ୍ତ ରାଜ୍ୟରେ ସେମାନଙ୍କ ମାତୃଭାଷା ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ପଶ୍ଚିମବଙ୍ଗରେ ବଙ୍ଗାଳୀ ଓ ଆସାମରେ ଆସାମୀ ସମେତ ବହୁ ରାଜ୍ୟରେ ଭାଷା ଶିକ୍ଷକ ନିଯୁକ୍ତି ପାଇଛନ୍ତି। ମାତ୍ର ୨୦୧୪ ମସିହାରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଓଡ଼ିଶାର ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରିବାକୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟରେ ସଂସ୍କୃତ, ହିନ୍ଦୀ, ଉର୍ଦ୍ଦୁ ପରି ବିଷୟ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେଉଥିଲେ ମଧ ମାତୃଭାଷା ପ୍ରତି ହେୟଜ୍ଞାନ ରାଜ୍ୟକୁ ନିମ୍ନମୁଖୀ କରିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ନିଯୁକ୍ତି ବେଳେ କଳା ଶିକ୍ଷକ ପଦରୁ ୨୫ ପ୍ରତିଶତ



ଓଡ଼ିଆ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ନେଇ ସେମାନେ ପ୍ରଶ୍ନ କରିଛନ୍ତି। କଳା ପଦରୁ ଭାଗ ନୁହେଁ, ବରଂ ସ୍ୱତନ୍ତ୍ର କ୍ୟାଡର ସୃଷ୍ଟି କରି ଭାଷାକୁ ପରବର୍ତ୍ତୀ ପିଢ଼ିଙ୍କ ପାଖରେ ନିର୍ଭୁଲ ଭାବେ ପହଞ୍ଚାଇବାରେ ସରକାର ଉତ୍ତରଦାୟିତ୍ୱ ନିର୍ବାହ କରନ୍ତୁଲ ବୋଲି ଦାବି କରିଛନ୍ତି।

ସମସ୍ତ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପୂର୍ବ ସରକାର ଘୋଷଣା କରିଥିଲେ। ମାତ୍ର ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ ଶାସନକୁ ଆସିବା ପରେ ଓଡ଼ିଆ ଭାଷା ପ୍ରତି କର୍ତ୍ତବ୍ୟକୁ ସରକାର ଭୁଲି ଯାଉଛନ୍ତି। ଏଣୁ ପ୍ରତି ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଆଶାୟୀ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ମନୀଷା ସାମଲ, ଜନାର୍ଦ୍ଦନ ସେଠୀ, ଅସିତ କୁମାର ସାହୁ, ପ୍ରଭାସ ଚନ୍ଦ୍ର ଟୋଲଟିଆ, ବିଭୂତି ମଲ୍ଲିକ, ଠାକୁର ବିଶି, ନିଳାଞ୍ଚଳ ନାଗ, ଅଭିଜିତ ପ୍ରଧାନ, ମାନସ ରଞ୍ଜନ ସାହୁ, କବିତା କର, ପ୍ରିତିଶ୍ରୀ ଖଟୁଆ, ସ୍ୱାଗତିକା ସ୍ୱାଇଁ, ଉର୍ମିଳା ପାତ୍ର, ଠାକୁର ବିଶି, ନିଳାଞ୍ଚଳ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାର୍ଡ ଓ ନିଗମ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ

ବାଲିପାଟଣା, ୧୧।୩ (ସମିସ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାବାର୍ଡ ସହାୟତା ଏବଂ ନିଗମ ଓ ମଧୁକେଶ୍ୱରେ କୃଷକ ଉତ୍ପାଦକ କମ୍ପାନୀ ଲି, ର ମିଳିତ ସହଯୋଗରେ ବାଲିପାଟଣା ବ୍ଲକସ୍ଥିତ ଆତ୍ମା ସଭାଗୃହରେ ମହିଳା କୃଷି ଉଦ୍ୟୋମାନଙ୍କୁ କୃଷି ସମୃଦ୍ଧିୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ନିଗମ ଅନୁଷ୍ଠାନର ମହିଳା ସଂଯୋଜିକା କାଦମ୍ବିନୀ ପାତ୍ର ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିକାଶ ପରିଚାଳକ ଡିଡିଏମ୍ ତୃପ୍ତି ତାପସୀ, ମୁଖ୍ୟବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ପୁର୍ଣ୍ଣଚନ୍ଦ୍ର ବାରିକ୍ ଏବଂ ସମ୍ମାନୀତ ଅତିଥି ଭାବେ ବିଟିଏମ ବାଲିପାଟଣା ସଞ୍ଜିବୀ କୁମାର ସାହୁ ଏବଂ ଭାପୁର ସରପଞ୍ଚ ଲିଳିପ୍ରଭା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ୮ ଜଣ ସଫଳ କୃଷି ଉଦ୍‌ଯୋଗୀ ପଟଚିତ୍ର ଶିଳ୍ପୀ ପଙ୍କଜିନୀ ମହାପାତ୍ର, କତାଶିଳ୍ପୀ ସୁକାନ୍ତି ବେହେରା, କ୍ଷୁଦ୍ର ଉଦ୍‌ଯୋଗୀ ନଳିନୀ ବେହେରା, ଓ ସୁଲୋଚନା ମହାନ୍ତି, ନ୍ୟାୟିକା ଉପଦେଷ୍ଟା ଜ୍ୟୋତିର୍ମୟୀ ଦାସ, ହସ୍ତତନ୍ତ୍ର ଶିଳ୍ପୀ ମମତା ରାଉତ, ଡ୍ରୋନ ଦିଦୀ କୁମୁଦିନୀ ସ୍ୱାଇଁ ଏବଂ ରଙ୍ଗୀନ ମହିଳା ମାଛଚାଷୀ ଝୁନୁରାଣୀ ପରିଡ଼ା ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ, ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଧୁକେଶ୍ୱର କୃଷକ ଉତ୍ପାଦକ କମ୍ପାନୀ ଲି, ର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ନାଥ, ଅନୁଷ୍ଠାନର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ଭୋଇ, ବସନ୍ତ ପାତ୍ର, କନକ ଜେନା, ଏବଂ ନିଗମ ଅନୁଷ୍ଠାନର ବିଚିତ୍ରା ନନ୍ଦ ସ୍ୱାଇଁ, ଅନିଲ କୁମାର ତରାସିଆ, ହରେକୃଷ୍ଣ ସାହୁ ପ୍ରମୁଖ ପରିଚାଳନରେ ସହଯୋଗ କରିଥିବାବେଳେ ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଦିବସରେ ୨୦୦ ମହିଳା ସମ୍ବର୍ଦ୍ଧିତ

ବାଲିଅନ୍ତା, ୧୧।୩(ସମିସ): ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଗୋଡଲବିନ୍ଧା ଗ୍ରାମରେ ଶିବାଶମ୍ପୂର୍ଣ୍ଣା ଫାଉଣ୍ଡେସନ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦୦ ଜଣ ମହିଳାଙ୍କୁ 'ଅନ୍ନପୂର୍ଣ୍ଣା ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା। ଏଥିରେ ଭୁବନେଶ୍ୱର (ସାଙ୍ଗଠନିକ) ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ମହିଳା କମିଶନର ବୋର୍ଡ ମେମ୍ବର ଉର୍ମିଳା ମହାପାତ୍ର, ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ନିର୍ଦ୍ଦେଶିକା ନିବେଦିତା ବଳିଆର ସିଂ, ସମାଜସେବୀ ବିଶ୍ୱଜିତ ଶାସମଲ, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ସତ୍ୟଭାମାପୁର ସମିତି ସଭ୍ୟ ରଶ୍ମିତା ସ୍ୱାଇଁ, ସମାଜସେବୀ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶିବା ସମ୍ପୂର୍ଣ୍ଣା ଫାଉଣ୍ଡେସନର ନିର୍ଦ୍ଦେଶିକା ଝିଲ୍ଲୀ ପ୍ରଧାନ ସଭା ପରିଚାଳନା କରିଥିଲେ। ଶିବା ସମ୍ପୂର୍ଣ୍ଣା ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ କୁମାର ସାହୁ, ବାସୁଦେବ ଜେନା, ଶୋନୀ ସ୍ମିତା ମହାରଣା, ପ୍ରିୟଦର୍ଶିନୀ ସାହୁ, ସ୍ୱପ୍ନା ବେହେରା, ବିଶ୍ୱରଞ୍ଜନ ପଣ୍ଡା, ପବିତ୍ର କୁମାର ଭୋଇ, ସନ୍ତୋଷ ସାହୁ, ଶ୍ରୀକାନ୍ତ ନନ୍ଦ, ତ୍ରିନାଥ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ସ୍ୱାଇଁ, ଗିରୀଶ ପ୍ରଧାନ, ସଞ୍ଜୟ କୁମାର ତ୍ରିପାଠୀ, ପ୍ରଶନ୍ନ ସାହୁ, ବାସୁଦେବ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ସାହିତ୍ୟ ଏକାଡେମୀ ତରଫରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଭୁବନେଶ୍ୱର, ୧୧।୩(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ମିଳିତ ଆନୁକୂଲ୍ୟରେ ପଡ଼ିଗାଁଓ, ରାୟଗଡ଼, ଛତିଶଗଡ଼ଠାରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ ହୋଇଛି। ଏହି ଅବସରରେ 'ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ଶ୍ରୀ ଜଗନ୍ନାଥ ସଂସ୍କୃତି' ଶୀର୍ଷକକୁ ନେଇ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଆଲୋଚନାଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରଫେସର ଶରତ ଚନ୍ଦ୍ର ରଥ, ପି. କେ ରାଉତ, ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲ୍ଲିକ, ସାହିତ୍ୟିକା ଡ. ଆରତି କର, ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦରେ ଗର୍ଜିଲା ବିଜେଡି



ଭୁବନେଶ୍ୱର, ୧୧।୩(ସମିସ): ଏଲପିଜି ସିଲିଣ୍ଡର, ଖାଇବା ତେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ଏହି ସମସ୍ୟା ସମାଧାନ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଧମକ ଦେଇଛି। ଏଥିରେ ପ୍ରଶାନ୍ତ ପଣ୍ଡା, ଅମରଜିତ ସେନାପତି, ମନୋଜ ସେନାପତି, ସୌମ୍ୟ ରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ନାୟକ, ସତ୍ୟଜିତ ପଟ୍ଟନାୟକ, ଲଗ୍ନାଦୀପ ମିଶ୍ର, ଅରୂପ ଶ୍ରୀଚନ୍ଦନ, ଶେଖ ନୱାଜ, ସାଗର ବଳବନ୍ତରାୟ, ସ୍ନେହାଶିଷ ଜେନା, ମହମ୍ମଦ ସହୀଦୁଲ୍ଲା, ଇତିଶ୍ରୀ ସାହୁ, କବିତା ସ୍ୱାଇଁ, ଜୟନ୍ତୀ ସାହୁ, ପ୍ରଭାସିନୀ ମହାନ୍ତି, ଆଶିଆ ବେଗମ, ପ୍ରଭାସିନୀ ସେଠୀ, ମିହିର ରାଉତ, ମନୋଜ ସାହୁ, ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଇଲା ସ୍ୱାଇଁ, ତିଲୋତ୍ତମା ଚୌଧୁରୀ, ସ୍ମିତା ସ୍ୱାଇଁ, ସ୍ମିତା ସିଂହ, ବବିତା ଜେନା, ସୁସ୍ମିତା ଦାସ, ବାସନ୍ତୀ ସିଂହ, ଜ୍ୟୋସ୍ନା ରାଉତରାୟ, ଶ୍ରୀଚନ୍ଦନ ପାତ୍ର, ସୁକାନ୍ତ କୁମାର ନାୟକ, ସ୍ମୃତି ରଞ୍ଜନ ପଟ୍ଟନାୟକ, କୁମାର ସଞ୍ଜିତ ମହାନ୍ତି, ଅମରଜିତ ଗଜେନ୍ଦ୍ର, ମନୋରଞ୍ଜନ ସ୍ୱାଇଁ, ଜଗମୋହନ ବଳିଆରସିଂହ, ବିଜୟ କେତନ ସାହୁ, ଦୀପକ ବେହେରା, ସୁଦୀପ୍ତ ସାମଲ, ଜ୍ଞାନ ରଞ୍ଜନ ମାନସିଂହ, ପ୍ରଦୀପ୍ତ ବିଶ୍ୱାଳ, ଆକାଶ ମହାନ୍ତି, ବିକ୍ରମ ରଞ୍ଜିତ ପଟ୍ଟନାୟକ, ସୁଚିସ୍ମିତା ବେହେରା, ସୋଭନ ମହାନ୍ତି, ଅନୁପମ ଶତପଥୀ, ସତ୍ୟସୁନ୍ଦର ସାମଲ, ସୋମ୍ୟ ସାର୍ଥକ ରାୟ, ଲକ୍ଷ୍ମୀଧର ସାହୁ, ଅଲିଭା, ସମ୍ମିମ ଅଖତରଙ୍କ ସହ ହଜାର ହଜାର ବିଜେଡି କର୍ମୀ ଯୋଗ ଦେଇଥିଲେ।

